## ସଂକ୍ଷେପରେ

### ୫ ହଜାର ଡଙ୍ଗା ଭଡାଦେଇ ଡାକ୍ତରଖାନା ଆସିଲେ ପୁରୁଷୋତ୍ତମ



ଚିତ୍ରକୋଣ୍ଡା,୧୭।୧୨(ଡି.ଏନ.ଏ.)- ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ବିଚ୍ଛିନ୍ନାଞ୍ଚଳ ଅଣ୍ଡିରାପାଲି ପଞ୍ଚାୟତ ଅନ୍ତର୍ଗତ ଅଣ୍ଡିରାପାଲି ଗ୍ରାମର ବନ୍ଧୁ ଖରାଙ୍କ ପୁଅ ପୁରୁଷୋତ୍ତମ ଖରା(୩୦) ଚିକିତ୍ସା ହେବାକୁ ମୁଦୁଲିଗୁଡା ଡଙ୍ଗା ଘାଟରୁ ସ୍ପିଲଓ୍ୱେ ଲଞ୍ଚ ଘାଟକୁ ଆସିବାକୁ ୫ହଜାର ଟଙ୍କା ଭଡା ବାବଦ ଦେଇଛନ୍ତି। ପଣସ ଗଛରେ ପଣସ ତୋଳିବାକୁ ଚଢ଼ିଥିବା ବେଳେ ପୁରୁଷୋତ୍ତମ ହଠାତ ତଳେ ପଡିଯାଇଥିଲେ। ତାଙ୍କର ଗୋଡ଼ ଭାଙ୍ଗି ଯାଇଥିଲା। ପାଖରେ କୌଣସି ସ୍ୱାସ୍ଥ୍ୟକେନ୍ଦ୍ର ନ ଥିବାରୁ ପରିବାର ଲୋକେ ତାଙ୍କୁ ଚିତ୍ରକୋଣ୍ଡା ଡାକ୍ତରଖାନାକୁ ନେଇ ପାରି ନ ଥିଲେ। ଏହି ଡାକ୍ତରଖାନାକୁ ଯିବାକୁ ହେଲେ ଅଣ୍ଡିରାପାଲି ଜଳପଥ ଦେଇ ଯିବାକୁ ହୁଏ। ଫଳରେ ପୁରୁଷୋତ୍ତମ କିଛି ଉପାୟ ନ ପାଇ ପ୍ରଥମେ ଦେଶୀ ଔଷଧ ଲେପ ଲଗାଇ ଚଳୁଥିଲେ। ଏଥିରେ ଭଲ ନ ହେବାରୁ ସେ ମୁଦୁଲିଗୁଡା ଡ଼ଙ୍ଗା ଘାଟରୁ ଚିତ୍ରକୋଣ୍ଡା ସ୍ପିଲଓ୍ୱେ ଲଞ୍ଚ ଘାଟକୁ ଆସିବାକୁ ୫ହଜାର ହଜାର ଟଙ୍କା ଡଙ୍ଗା ଭଡା ଦେଇ ଆସିଥିଲେ। ସେଠାରୁ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚିଥିଲେ। ଚିକିତ୍ସାଳୟ ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହନ୍ତ ତାଙ୍କର ପ୍ରାଥମିକ ଚିକିତ୍ସା ସହ ୩ଥର ଏକ୍ସ-ରେ କରାଇଥିଲେ। ସେଥିରୁ ଠିକ ତଥ୍ୟ ଜଣା ନ ପଡିବାରୁ ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ।

### ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷଙ୍କ କୋରୁକୋଣ୍ଡା ବ୍ଲକ ଗସ୍ତ



ମାଲକାନଗିରି,୧୭।୧୨ (ଡି.ଏନ୍.ଏ.)- ମାଲକାନଗିରି ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ମାନସ ମାଡକାମି ମଙ୍ଗଳବାର କୋରୁକୋଣ୍ଡା ବ୍ଲକର ବିଭିନ୍ନ ଗ୍ରାମ ପରିଦର୍ଶନ କରି ଉନ୍ନୟନ ପରିଷଦ ଦ୍ୱାରା ହେଉଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମାରିବାଡା ପଞ୍ଚାୟତ ଦାମାପଡା ଗ୍ରାମରେ ଗ୍ରାମଦେବୀ ମନ୍ଦିରର ଉନ୍ନତି, ରାସ୍ତାଘାଟ ସହ ସେ ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। ଗ୍ରାମବାସୀ ମଧ୍ୟ ସେମାନଙ୍କ ବିଭିନ୍ନ ସମସ୍ୟା ଅଧ୍ୟକ୍ଷଙ୍କୁ ଅବଗତ କରାଇଥିଲେ।

### ମୋ ସରକାର କକ୍ଷ ଉଦ୍‌ଘାଟିତ

ମାଲକାନଗିରି,୧୭।୧୨ (ଡି.ଏନ୍.ଏ.)- ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ପରିଚାଳନା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟାଳୟ ମାଲକାନଗିରି ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଛି। ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ନିର୍ବାହୀ ଅଧିକାରୀ ଏମ୍. ନୀଳକଣ୍ଠ ନାଇଡୁଙ୍କ ସହ ସମସ୍ତ ପୌର କର୍ମଚାରୀ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ପ୍ରଧାନ କହିଲେ ଯେ, ପୌରାଞ୍ଚଳରେ ବସବାସ କରୁଥିବା ସମସ୍ତ ନାଗରିକ ଯେପରି ମୋ ସରକାର କାର୍ଯ୍ୟକ୍ରମର ସମସ୍ତ ସୁବିଧା ପାଇବେ ସେଥିପାଇଁ କର୍ମଚାରୀମାନେ ଯତ୍ନବାନ ହେବା ଆବଶ୍ୟକ। ଅଫିସକୁ ବିଭିନ୍ନ ସେବା ପାଇଁ ଆସୁଥିବା ଜନସାଧାରଣଙ୍କ ମତାମତ ସଂଗ୍ରହ କରି କର୍ମଚାରୀମାନେ ସେମାନଙ୍କ ବୃତ୍ତିଗତ ଶୈଳୀରେ ପରିବର୍ତ୍ତନ ଆଣିବା ଲାଗି ପରାମର୍ଶ ଦେଇଥିଲେ।

# ବିକାଶରେ ବାଧକ ସାଜିଛି କଞ୍ଚାମାଲ

- କ୍ରଶର ବନ୍ଦ ଯୋଗୁ ଉପୁଜିଛି ସମସ୍ୟା
- ହାତବାନ୍ଧି ବସିଛନ୍ତି ଠିକାଦାର, ହିତାଧିକାରୀ
- ସମସ୍ୟା ସ୍ୱୀକାର କଲେ ବିଭାଗୀୟ ନିର୍ବାହୀଯନ୍ତ୍ରୀ

ମାଲକାନଗିରି,୧୭।୧୨(ଡି.ଏନ.ଏ.)

ଦୀର୍ଘ ୭୦ ବର୍ଷ ମଧ୍ୟରେ ବିଭିନ୍ନ କାରଣରୁ ମାଲକାନଗିରିର ବିକାଶ ହୋଇପାରୁ ନ ଥିଲା। ମାଲକାନଗିରି ଭଳି ଏକ ଜଙ୍ଗଲ ବହୁଳ, ପାହାଡ ପର୍ବତ ଘେରା ମାଓବାଦୀ ପ୍ରବଣଅଞ୍ଚଳକୁ ସରକାର ଗୁରୁତ୍ୱ ଦେଉ ନ ଥିଲେ। ୧୯୯୨ରେ ମାଲକାନଗିରି ଜିଲାର ମାନ୍ୟତା ପାଇବା ପରେ ବିକାଶର ଧାରା ଆରମ୍ଭ ହୋଇଥିଲା। ମାତ୍ର ଏଥିରେ ମାଓବାଦୀମାନେ ବାଧକ ସାଜିଥିଲେ। ଫଳରେ ସରକାର ମାଓବାଦୀ ଦମନ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସୀମା ସୁରକ୍ଷାବାହିନୀ, ସିଆର୍‌ପିଏଫ୍, ବିଏସ୍‌ଏଫ୍ ଡିବିଏଫ୍, କୋବ୍ରାବାହିନୀର ଯବାନମାନଙ୍କୁ ନିୟୋଜିତ କଲେ। ଏଥିସହ ସ୍ଥାନୀୟ ପୋଲିସଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ସହ ଅଧିକ କର୍ମଚାରୀ ନିଯୁକ୍ତି କରିଥିଲେ। ଗୁରୁପ୍ରିୟା ସେତୁ ଉଦ୍‌ଘାଟନରେ ବିଚ୍ଛିନ୍ନାଞ୍ଚଳର ବିକାଶ ଲାଗି ସରକାର ୧୦୦ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଥିଲେ। ଏତଦ୍‌ବ୍ୟତୀତ ଜିଲାର ବିଭିନ୍ନ ଆଭ୍ୟନ୍ତରୀଣ ଅଞ୍ଚଳରେ ସଡକ, ପୋଲ ନିର୍ମାଣ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଇନ୍ଦିରା ଆବାସ, ବିଜୁ ପକ୍କା ଗୃହ ମାଧ୍ୟମରେ ଆର୍ଥିକ ଅନୁଦାନ ଦେଇ ବିକାଶମୂଳକ କାର୍ଯ୍ୟ ଚାଲିଥିଲା। ତେବେ ଅକ୍ଟୋବର ମାସରୁ ଜିଲାରେ ଥିବା ୨୨ଟି କ୍ରସର ମିଲ୍ ବନ୍ଦ ହୋଇ ଯିବାରୁ ସଡକ ନିର୍ମାଣ କାର୍ଯ୍ୟରେ ଲାଗୁଥିବା କଞ୍ଚାମାଲ ଯଥା, ବୋଲଡର, ମେଟାଲ, ଚିପ୍ସର ଅଭାବ ପରିଲକ୍ଷିତ ହେଉଛି। ଫଳରେ ଉନ୍ନୟନ କ୍ଷେତ୍ରରେ ଯେପରି ବିକାଶ ଆଶା କରାଯାଉଥିଲା ତାହା ଏକ ପ୍ରକାର ଠପ୍ ହୋଇଯାଇଛି। ପ୍ରଶାସନ ଠିକାଦାରଙ୍କ ଉପରେ ନିର୍ଦ୍ଦିଷ୍ଟ ସମୟରେ ବିଭିନ୍ନ କାର୍ଯ୍ୟ ଶେଷ କରିବା ଲାଗି ଚାପ ପକାଉଥିବା ବେଳେ ଏଥିରେ କଞ୍ଚାମାଲ ବାଧକ ସାଜିଛି। ଏଥିଯୋଗୁ ସରକାରୀ କାର୍ଯ୍ୟ ସହ ହିତାଧିକାରୀମାନେ କାର୍ଯ୍ୟାଦେଶ ପାଇ ତିଆରି କରୁଥିବା ସେମାନଙ୍କ ଇନ୍ଦିରା ଆବାସ, ବିଜୁ ପକ୍କା ଗୃହ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର କରି ପାରୁନାହାନ୍ତି। ବେସରକାରୀ ସଂସ୍ଥା ଓ ସ୍ଥାନୀୟ ଲୋକେ ମଧ୍ୟ ନିଜ ପକ୍କା ଘର ନିର୍ମାଣରେ ବାଧା ଉପୁଜୁଛି। ଜିଲାରେ କେବେ କ୍ରସର ଚାଲିବ ଏବଂ କଞ୍ଚାମାଲ ମିଳିବ ସେନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲାର ବିକାଶକୁ ତରାନ୍ୱିତ କରିବାକୁ ହେଲେ ଜିଲା ପ୍ରଶାସନ ଜିଲାର ସମସ୍ତ କ୍ରସର ମିଲଗୁଡିକୁ ଚାଲୁ କରିବା ପାଇଁ ଅନୁମତି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ରାସ୍ତା ଓ ଗୃହ ନିର୍ମାଣ ନିର୍ବାହୀଯନ୍ତ୍ରୀ ସୁବାସ ଚନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଅକ୍ଟୋବର ମାସରୁ ଚିପ୍ସ, ମେଟାଲ, ବୋଲଡର୍ ଆଦି ନ ମିଳିବାରୁ ତାଙ୍କ ବିଭାଗ ଦ୍ୱାରା ହେଉଥିବା ରାସ୍ତା ଓ ଗୃହ ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। କ୍ରସରଗୁଡିକୁ ଖୋଲିଲେ ଏ ସମସ୍ୟା ଦୂର ହୋଇପାରିବ।

# ଭତ୍ତା ପାଇଁ ଚାଲିବାକୁ ପଡୁଛି ୩୦ କିମି

- ସରକାରୀ ନିୟମ ମାନୁନାହାନ୍ତି ଅଧିକାରୀ
- ଯିଏ ବ୍ଲକକୁ ନ ଆସିବ ତା' ଭତ୍ତା କଟିବ
- ଜିଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି

ଖଇରପୁଟ,୧୭।୧୨(ଡି.ଏନ.ଏ.)



ଭତ୍ତା ନେବାକୁ ଆସିଥିବା ହିତାଧିକାରୀ ।

ରାଜ୍ୟ ସରକାରଙ୍କ ପାଖରୁ ଆରମ୍ଭ କରି କେନ୍ଦ୍ର ସରକାରଙ୍କ ପର୍ଯ୍ୟନ୍ତ ସମସ୍ତେ ବଣ୍ଡା ଜନଜାତିଙ୍କ ଉନ୍ନତି କଥା କହୁଛନ୍ତି। ମାତ୍ର ବାସ୍ତବରେ ସେମାନଙ୍କ କୌଣସି ବିକାଶ ହେଉନାହିଁ। ସରକାରୀ କର୍ମଚାରୀଙ୍କ ଉଦାସୀନତା ସେମାନଙ୍କୁ ବିକାଶଠାରୁ ଦୂରରେ ରଖିଛି। ଏବେ ମଧ୍ୟ ଏହି ଜନଜାତିର ଲୋକେ ଭତ୍ତା ପାଇଁ ୩୦ କିମି ଚାଲିଚାଲି ପାହାଡ଼ ପର୍ବତ ଅତିକ୍ରମ କରି ବ୍ଲକ କାର୍ଯ୍ୟାଳୟକୁ ଆସନ୍ତି। ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ବଣ୍ଡାଘାଟିର ମୁଦୁଲିପଡା ପଞ୍ଚାୟତବାସୀଙ୍କ କ୍ଷେତ୍ରରେ ଏପରି ଦେଖିବାକୁ ମିଳିଛି। ପାହାଡପର୍ବତ ଘେରା ଦୁର୍ଗମ ଅଞ୍ଚଳରେ ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ଦେବା ଲାଗି ସରକାରଙ୍କ ନିର୍ଦ୍ଦେଶ ରହିଛି। ଏପରିକି ଯେଉଁ ବୃଦ୍ଧାବୃଦ୍ଧମାନେ କାର୍ଯ୍ୟାଳୟକୁ ଆସିବାକୁ ସକ୍ଷମ ନୁହନ୍ତି ସେମାନଙ୍କ ଘରକୁ ଯାଇ ଭତ୍ତା ଦେବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ଅଧିକାରୀ ଏହାକୁ ମାନୁନାହାନ୍ତି। ଦାୟିତ୍ୱରେ ଥିବା ଅଧିକାରୀ ରୋହିତମଣି ଧାରୁଆଙ୍କୁ ପଚାରିବାରୁ ସେ କହିଲେ, ମୁଁ ମୁଦୁଲିପଡା ପଞ୍ଚାୟତ କାର୍ଯ୍ୟାଳୟ ଯାଇ ଭତ୍ତା ଦେଇପାରିବି ନାହିଁ। ଯାହାର ଭତ୍ତା ନେବାର ଅଛି ସେ ବ୍ଲକ କାର୍ଯ୍ୟାଳୟକୁ ଆସି ନିଅନ୍ତୁ। ଯିଏ ନ ଆସିବେ ତାଙ୍କ ଭତ୍ତା କଟା ହେବ। ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେଇ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ମଣ୍ଡି ସମସ୍ୟା ନେଇ ଲ୍ୟାମ୍ପସ୍ ଘେରିଲେ ଚାଷୀ



ଲ୍ୟାମ୍ପ୍ସ ଘେରିଥିବା ଚାଷୀ ।

ମାଲକାନଗିରି,୧୭।୧୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ମାଥିଲି ସଦର ବ୍ଲକ ଲ୍ୟାମ୍ପ କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟକଳାପ ଯୋଗୁ ଚାଷୀମାନ ନିଜ ଧାନ ମଣ୍ଡିରେ ବିକ୍ରି କରିପାରୁନାହାନ୍ତି। ଏହାର ପ୍ରତିବାଦରେ ମଙ୍ଗଳବାର ମାଥିଲି ଅଞ୍ଚଳର ଚାଷୀମାନେ ଲ୍ୟାମ୍ପସ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ମଣ୍ଡିରେ ଧାନ ଓଜନ, ସହାୟକ ମୂଲ୍ୟ ଓ ଟୋକନ ପାଇବାରୁ ସେମାନେ ବଞ୍ଚିତ ହୋଇଥିବା ଅଭିଯୋଗ କରଛନ୍ତି। ଅନେକ ଚାଷୀ ଧାନ ବିକ୍ରି ପାଇଁ ଏପର୍ଯ୍ୟନ୍ତ ଟୋକନ ପାଇନାହାନ୍ତି। ମଣ୍ଡିକୁ ଧାନ ଆଣି ଖରା ଓ ଶୀତରେ ପଡି ନଷ୍ଟ ହେଉଛି। କେତେକ ଚାଷୀ ଟୋକନ ପାଇଥିଲେ ମଧ୍ୟ ଧାନର ଓଜନ ପରିମାଣ ମିଲରମାନେ ଠିକ୍ ସମୟରେ ଦେଉ ନାହାନ୍ତି। ଧାନ ବସ୍ତାରୁ ୫/୧୦ କେଜି ଧାନ କଟି ନେଉଛନ୍ତି। ଫଳରେ ବାଧ ହୋଇ ଚାଷୀ କମ୍ ଦରରେ ଦଲାଲଙ୍କୁ ବିକ୍ରି କରୁଛନ୍ତି। ନାମମାତ୍ର ଏବଂ କ୍ଷୁଦ୍ର ଚାଷୀମାନେ ଧାନ ବିକ୍ରି କରି ନପାରି ହଇରାଣ ହେଉଛନ୍ତି। ଏସମ୍ପର୍କରେ ଲ୍ୟାମ୍ପ ଏମ୍‌ଡିଙ୍କୁ ପଚାରିବାରୁ ସେ ଚାଷୀମାନଙ୍କୁ ଠିକ୍ ଉତ୍ତର ନ ଦେଇ ଦୁର୍ବ୍ୟବହାର କରୁଛନ୍ତି। ଏନେଇ ସେମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଚାଷୀ ଡମ୍ବରୁ କପେ, ପୀତବାସ କୁରାମି, ଅର୍ଜୁନ ପେରେମା, ବଳରାମ ବୁରୁଡି, ବୃନ୍ଦା ପ୍ରଧାନୀ, ଆଦିବାସୀ ମହାସଂଘ ସଭାପତି ଘନଶ୍ୟାମ ମାଡକାମି, ଉପଦେଷ୍ଟା ସନୁ ଅନୁଗୁ, ଗୌରଚନ୍ଦ୍ର ଦୋରା, ନରସିଂହ ନାୟକ ପ୍ରମୁଖ କହିଛନ୍ତି।

''ଫର୍ମ ନଂ. ଆଇଏନ୍‌ସି-୨୬''
[କମ୍ପାନୀ (ଇନ୍‌କର୍ପୋରେଶନ୍) ନିୟମାବଳୀ, ୨୦୧୪ର ନିୟମ ୩୦(୫)(କ) ଆଧାରରେ]
କମ୍ପାନୀର ପଞ୍ଜୀକୃତ କାର୍ଯ୍ୟାଳୟ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ପରିବର୍ତ୍ତନ ହେବା ପାଇଁ ବିଜ୍ଞାପନ
କେନ୍ଦ୍ର ସରକାର, ପୂର୍ବାଞ୍ଚଳ, ଏମ୍‌ସିଏଙ୍କ ସମ୍ମୁଖରେ
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୧୩ର ଉପଧାରା (୪) ଏବଂ କମ୍ପାନୀ (ଇନ୍‌କର୍ପୋରେଶନ୍) ନିୟମାବଳୀ, ୨୦୧୪ର ନିୟମ ୩୦ର ଉପ-ନିୟମ (୫)ର ଅନୁଚ୍ଛେଦ (କ) ମାମଲାରେ
ଏବଂ
ରାଉରକେଲା ପିଗ୍‌ମେଣ୍ଟ୍ସ ଆଣ୍ଡ କେମିକାଲ୍ସ ପ୍ରାଇଭେଟ୍ ଲିମିଟେଡ୍ (ସିଆଇଏନ୍ ନଂ.: ୟୁ୨୪୨୨୧ଓଆର୍୧୯୭୫ପିଟିସି୦୦୦୬୫୩) ପଞ୍ଜୀକୃତ କାର୍ଯ୍ୟାଳୟ: ଗୋବିନ୍ଦପୁର, ଢେଙ୍କାନାଳ, ଢେଙ୍କାନାଳ-୭୫୯୦୨୭, ଓଡ଼ିଶା, ଭାରତର ମାମଲାରେ
ଏତଦ୍ୱାରା ସର୍ବସାଧାରଣଙ୍କୁ ନୋଟିସ ପ୍ରଦାନ କରାଯାଉଛି ଯେ କମ୍ପାନୀ ତା୧୬।୧୨।୨୦୧୯ରିଖରେ ଅନୁଷ୍ଠିତ ଅତିରିକ୍ତ ସାଧାରଣ ବୈଠକରେ ଗୃହୀତ ସ୍ୱତନ୍ତ୍ର ସଂକଳ୍ପ ଅନୁଯାୟୀ କମ୍ପାନୀର ସଂସ୍ଥା ଜ୍ଞାପକରେ ସଂଶୋଧନ ଲାଗି ଅନୁମତି ପାଇଁ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୧୩ ଅଧୀନରେ କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରିବାର ପ୍ରସ୍ତାବ ରଖିଛି, ଯାହା କମ୍ପାନୀକୁ ଏହାର ପଞ୍ଜୀକୃତ କାର୍ଯ୍ୟାଳୟକୁ ''ଓଡ଼ିଶା ରାଜ୍ୟ''ରୁ ''ପଶ୍ଚିମବଙ୍ଗ ରାଜ୍ୟ''କୁ ପରିବର୍ତ୍ତନ କରିବାରେ ସକ୍ଷମ କରିବ।
କମ୍ପାନୀର ପ୍ରସ୍ତାବିତ ପଞ୍ଜୀକୃତ କାର୍ଯ୍ୟାଳୟ ପରିବର୍ତ୍ତନ କାରଣରୁ ଯଦି କୌଣସି ବ୍ୟକ୍ତିବିଶେଷଙ୍କ ସ୍ୱାର୍ଥ ପ୍ରଭାବିତ ହେବାର ସମ୍ଭାବନା ଥାଏ ତେବେ ସେ ଏମ୍‌ସିଏ-୨୧ ପୋର୍ଟାଲ (www.mca.gov.in)ରେ ନିବେଶକ ଅଭିଯୋଗ ଫର୍ମ ଦାଏର କରିପାରିବେ କିମ୍ବା ତାଙ୍କର ସ୍ୱାର୍ଥ ତଥା ଆପତ୍ତିର କାରଣ ଦର୍ଶାଇ ସତ୍ୟପାଠ ସହିତ ନିଜର ଆପତ୍ତିକୁ ପଞ୍ଜୀକୃତ ଡାକ ମାଧ୍ୟମରେ ଆଞ୍ଚଳିକ ନିର୍ଦ୍ଦେଶକଙ୍କ ନିକଟକୁ ପୂର୍ବାଞ୍ଚଳ, ନିଜାମ ପ୍ୟାଲେସ୍, II ଏମ୍‌ଏସ୍‌ଓ ବିଲ୍ଡିଂ, ୩ୟ ମହଲା, ୨୩୪/୪, ଏ.ଜେ.ସି. ବୋଷ ରୋଡ୍, କୋଲକାତା-୭୦୦୦୨୦ ଠିକଣାରେ ଏହି ନୋଟିସ ପ୍ରକାଶନ ତାରିଖରୁ ଚଉଦ ଦିନ ମଧ୍ୟରେ ପଠାଇବା ସହିତ ଏହାର ଏକ ପ୍ରତିଲିପି ଆବେଦନକାରୀ କମ୍ପାନୀର ଉପରୋକ୍ତ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣାରେ ପ୍ରେରଣ କରିବେ।
ରାଉରକେଲା ପିଗ୍‌ମେଣ୍ଟ୍ସ ଆଣ୍ଡ କେମିକାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ପାଇଁ ଏବଂ ତରଫରୁ
ସ୍ୱା./-
କମଲ କୁମାର ସରାଓଗି
ନିର୍ଦ୍ଦେଶକ
ତାରିଖ: ୧୮।୧୨।୨୦୧୯
ସ୍ଥାନ: କୋଲକାତା
ଡିଆଇଏନ୍: ୦୦୪୧୯୩୦୪

बैंक ऑफ़ बड़ौदा Bank of Baroda
କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର କ୍ଷେତ୍ର, ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨
ଲିଜ୍ ଭିତ୍ତିରେ ଗୃହ ଆବଶ୍ୟକ
ବ୍ୟାଙ୍କ ଅଫ ବରୋଦା ଏହାର ବାଲେଶ୍ୱର (ଇ-ଦେନା) ଶାଖା ସ୍ଥାନାନ୍ତରିତ ପାଇଁ ଦୁଇ ବିଡ୍ ବ୍ୟବସ୍ଥା ମାଧ୍ୟମରେ ନିମ୍ନଲିଖିତ ସ୍ଥାନରେ ଲିଜ୍ ଭିତ୍ତିରେ ଆବଶ୍ୟକ କରୁଥିବା ଗୃହ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରୁଅଛି । ଗୃହ ତଳ ମହଲାରେ ହୋଇଥିଲେ ପସନ୍ଦଯୋଗ୍ୟ।
ସହଦେବଖୁଣ୍ଟା, ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର | ୧୬୦୦-୨୦୦୦ ବର୍ଗଫୁଟ
ସବିଶେଷ ବିବରଣୀ ନିମନ୍ତେ ଆମ୍ଭର ୱେବସାଇଟ www.bankofbaroda.com ର ଟେଣ୍ଡର ବିଭାଗକୁ ଲଗ୍ ଅନ୍ କରନ୍ତୁ କିମ୍ବା ୦୬୭୪-୨୪୨୧୨୧୦ରେ ଯୋଗାଯୋଗ କରନ୍ତୁ ।
ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ: ୧୦.୦୧.୨୦୨୦ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ।
ଉପ-ମହାପ୍ରବନ୍ଧକ

# ବିଏସଏଫ କ୍ୟାମ୍ପ ହଟାଇବାକୁ ଦାବି

ଚିତ୍ରକୋଣ୍ଡା,୧୭।୧୨(ଡି.ଏନ.ଏ.)

ନିକଟରେ ସ୍ୱାଭିମାନ ଅଞ୍ଚଳର ହନ୍ତାଳଗୁଡାଠାରେ ବିଏଓଏଫ କ୍ୟାମ୍ପ ପ୍ରତିଷ୍ଠା କରାଯାଇଥିଲା। ଏହାକୁ ତୁରନ୍ତ ହଟାଇବା ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି। ସେମାନେ ବିଚ୍ଛିନ୍ନାଞ୍ଚଳର ଓରାପଦରଠାରେ ଏକାଠି ହୋଇ ବିଏସଏଫଙ୍କ ଦ୍ୱାରା ସେମାନେ ସୁରକ୍ଷିତ ନୁହଁନ୍ତି ବୋଲି ଅଭିଯୋଗ କରିଛନ୍ତି। ବିଭିନ୍ନ ସମୟରେ ବିଏଓଏଫ ଯବାନମାନେ ସେମାନଙ୍କୁ ହଇରାଣ କରୁଥିବା ଏପରିକି ହତ୍ୟା କରୁଥିବା ନେଇ ନଜୀର ମଧ୍ୟ ରହିଛି। ଗତ ୨ମାସ ତଳେ ସେମାନେ ରାଙ୍ଗିଣିଗୁଡା ଗ୍ରାମର ରାଜୁ ହନ୍ତାଳ ଏବଂ ୨୦୧୩ରେ ଯୋଡାମ୍ବ ପଞ୍ଚାୟତ ଏଲାମପାକା ଗ୍ରାମର ବେଣୁ ହନ୍ତାଳଙ୍କୁ ବିଏସଏଫ ଯବାନ ମାରିଥିବା ସେମାନେ ଅଭିଯୋଗ କରିଛନ୍ତି।



ବିଏସଏଫ କ୍ୟାମ୍ପ ପ୍ରତିଷ୍ଠା ପ୍ରତିବାଦରେ ଏକାଠି ହୋଇଥିବା ଆଦିବାସୀମାନେ ।

## ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଠିକାଦାର ସଂଘର ଦାବିପତ୍ର

ମାଲକାନଗିରି,୧୭।୧୨(ଡି.ଏନ୍.ଏ.)- ମାଲକାନଗିରି ଜିଲା ଠିକାଦାର ସଂଘ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ଚାଲିଥିବା ଉନ୍ନୟନ କାର୍ଯ୍ୟରେ ଉପୁଜୁଥିବା ସମସ୍ୟା ନେଇ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମଙ୍ଗଳବାର ସର୍ବୋଚ୍ଚ ଯନ୍ତ୍ରୀଙ୍କ ଗସ୍ତ ସମୟରେ ସଂଘ ସଭାପତି ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ସହ ଠିକାଦାରମାନେ ତାଙ୍କୁ ଭେଟିଥିଲେ। ମୁଖ୍ୟତଃ ମାଓବାଦୀ ପ୍ରବଣ ଅଞ୍ଚଳରେ ସେମାନେ ନିଜ ଜୀବନକୁ ବାଜି ଲଗାଇ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଓ ଅନ୍ୟାନ୍ୟ ପୋଲ ନିର୍ମାଣ କାର୍ଯ୍ୟ କରୁଛନ୍ତି। କ୍ରସର ବନ୍ଦ ଥିବାରୁ ସଡ଼କ ନିର୍ମାଣରେ ମେଟାଲ, ଚିପ୍ସ ମିଳୁ ନ ଥିବା ବେଳେ ରାଜସ୍ୱ ବିଭାଗ ପକ୍ଷରୁ ମଧ୍ୟ ମୋରମ ସଂଗ୍ରହ ସମୟରେ ସେମାନଙ୍କୁ ଅତ୍ୟଧିକ ଆର୍ଥିକ ଜରିମାନା ପକାଯାଉଛି। ଟ୍ରାନଜିଟ୍ ପାସ ନାମରେ ଏଭଳି କରାଯାଉଛି। ସ୍ୱାଭିମାନ ଅଞ୍ଚଳରେ କାର୍ଯ୍ୟ କରିବା ସମୟରେ ଘାଟି ଅଞ୍ଚଳରେ ଗଛ କାଟିବା ଲାଗି ଜଙ୍ଗଲ ବିଭାଗର ଅନୁମତି ମିଳୁନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

# ସ୍ୱାଭିମାନ ଅଞ୍ଚଳ ବିକାଶ ପାଇଁ ଅଣ୍ଟା ଭିଡ଼ିଲେ ଆଦିବାସୀ

ଚିତ୍ରକୋଣ୍ଡା,୧୭।୧୨(ଡି.ଏନ.ଏ.)

ଆନ୍ଧ୍ର-ଓଡିଶା ସୀମାନ୍ତ ମାଓବାଦୀ ଉପଦ୍ରୁତ ତଥା ଆଦିବାସୀ ବହୁଳ ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ବିକାଶ ପାଇଁ ପୁଣି ଥରେ ଆଦିବାସୀମାନେ ଏକାଠି ହୋଇଛନ୍ତି। ରାଜ୍ୟ ସରକାର କେବଳ ଗୁରୁପ୍ରିୟା ସେତୁ ନିର୍ମାଣ କରି ସେମାନଙ୍କ ଅନ୍ୟ ଅସୁବିଧା ବିଷୟ ଭୁଲିଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଆଦିବାସୀ ପିଲାଙ୍କ ଶିକ୍ଷାର ବିକାଶ ପାଇଁ ଉଚ୍ଚ ବିଦ୍ୟାଳୟ ଓ କଲେଜ ସ୍ଥାପନ, ସ୍ୱାସ୍ଥ୍ୟସେବା ପାଇଁ ସ୍ୱାଭିମାନ ଅଞ୍ଚଳରେ ଏକ ଡାକ୍ତରଖାନା ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି। ଏଥିସହ ଜଙ୍ଗଲ ଜମିପଟ୍ଟା, ଜାତିଗତ ପ୍ରମାଣପତ୍ର ନ ଥିବାରୁ ଆଦିବାସୀ ପିଲାମାନେ ଆଶ୍ରମ ବିଦ୍ୟାଳୟରେ ପାଠ ପଢି ପାରୁନାହାନ୍ତି। ତୁରନ୍ତ ସ୍ୱାଭିମାନ ଅଞ୍ଚଳ ପ୍ରତି ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି। ସରକାରୀ ଉନ୍ନୟନ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି ଏବେ ଆମ ପଛରେ ମାଓବାଦୀ ନୁହେଁ ଆମେ ନିଜେ ନିଜ ହକ ପାଇଁ ଲଢୁଛୁ ବୋଲି ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ଉକ୍ତ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଙ୍ଗଲ ଜମି ତଥା ଘର ଡିହ ପଟ୍ଟା, ପାନୀୟ ଜଳ ବ୍ୟବସ୍ଥା, ଚାଷର ଉନ୍ନତି ପାଇଁ ଉପକରଣ ଯୋଗାଇ ଦିଅନ୍ତୁ। ନଚେତ୍ ଆମ ବିକାଶ ପାଇଁ ଆମେ ଲଢେଇ କରିବୁ ବୋଲି କହିଛନ୍ତି।



ନିଜ ଅଞ୍ଚଳର ବିକାଶ ଦାବି କରି ଶୋଭାଯାତ୍ରାରେ ଯାଉଥିବା ଆଦିବାସୀ ମହିଳା ପୁରୁଷ ।

# ମୃତ ମାଓବାଦୀ କମାଣ୍ଡରଙ୍କୁ ସମାଧି ଦେଲେ ସାଥୀ

ମାଲକାନଗିରି,୧୭।୧୨ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତରେ ମୃତ ମାଓବାଦୀ ନେତା ରାମାନ୍ନାଙ୍କୁ ସାଥୀମାନେ ସମାଧି ଦେଇଛନ୍ତି। ମାଓବାଦୀମାନେ ତାଙ୍କ ସାଥୀ କମାଣ୍ଡରଙ୍କୁ ପ୍ରଜାଙ୍କ ସହ ଗ୍ରାମ ପରିକ୍ରମା କରି ସତ୍କାର କରିଥିବା ଫଟୋ ଏବେ ଭାଇରାଲ ହୋଇଛି। କିଛିଦିନ ତଳେ ରାମାନାଙ୍କ ମୃତ୍ୟୁ ହୋଇଥିଲା। ରାମାନ୍ନାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ମାଓବାଦୀ ସଙ୍ଗଠନ ପକ୍ଷରୁ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ ଯେ, ତାଙ୍କ ପାଇଁ ଓଡିଶା ସମେତ ଛତିଶଗଡ ଓ ତେଲେଙ୍ଗାଣା ସରକାର ୨କୋଟିରୁ ଊର୍ଦ୍ଧ୍ୱ ପୁରସ୍କାର ରାଶି ଘୋଷଣା କରିଥିଲେ।

ପୌର ପରିଷଦ, ମାଲକାନଗିରି
OFFICE OF THE MUNICIPAL COUNCIL, MALKANGIRI
Odisha, Pin-764045, Ph: 06861-230244, e-Mail: malkangiri@ulborissa.gov.in

Lt. No.2982 / Mpl./2019 TENDER CALL NOTICE Dated: 17.12.2019

Sealed quotations are hereby invited from the Authorized Dealers / Firms / Supliers for supply and Installation of Computers and Inverter as per specification given below for official use of Malkangiri Municipality.

| Name of Items | Specification | Delivery Period | Warranty | Quantity Required |
|---|---|---|---|---|
| Computer | 1.Processor-Intel Core i5 8th Generation., 2. Operating System-Window 10 home., 3. RAM-8GB DDR4, 4. Hard Disk-1th 7200 rpm SATA8., 5. Display-22 Inch., 6.Graphics-Intel® GMA HD (integrated), 7. Internal-WiFi, Bluetooth, LAN, infrared, Network connected ethernet Card. | Within 7 days on receipt of Purchase order | The warranty in years to be furnished by the supplier | 03 Nos. |
| Inverter | 5 KVA with Battery | Within 7 days on receipt of Purchase order | The warranty in years to be furnished by the supplier | 01 No. |

The quotation must be accompanied with EMD of Rs.15000/- (Rupees Fifteen Thousand only) & Paper Cost Rs.600/- (Rupees Six Hundred) only in shape of Bank Draft Bankers Cheque from any Nationalized Bank in favour of Executive Officer, Malkangiri Municipality. The Quotationer is also required to furnish self attested photocopy of valid Regd. Certificate, dealer certificate or manufacturing certificate, GST registration certificate & PAN along with the quotations. The sealed cover should be super scribed with "TCN No. & date". The quotations should reach the undersigned by 26.12.2019 by regd. Post/Speed Post and will be opened on 27.12.2019 at 4.30 P.M. in the officer chamber of Executive Officer in presence of the quotationers or their authorized representatives. The undersigned reserves the right to reject any or all quotations without assigning any reason therein.

Sd./- Executive Officer, Malkangiri Municipality

Office of the Returning Officer
SAHARA CREDIT COOPERATIVE SOCIETY LIMITED
Regd. Office: Sahara India Bhawan, 1, Kapoorthala Complex, Aliganj, Lucknow-226024
Telefax : 0522-2330155, E-mail : sccsl.cooperative@sahara.in (Regd. No.-MSCS/CR/333/2010)

NOTICE

To all members, notice is hereby given for conducting the election of delegates in terms of the provisions of bye-laws and subsidiary rules for constituting a smaller representative General Body of Sahara Credit Cooperative Society Limited, election programme is as under:

PART-A
1) Place of filing nominations : At respective Sector Office/Authorised Centre of the Society
2) Date & Time of filling nominations : 02/01/2020 From 10:00 A.M. to 11:00 A.M.
3) Date and Time of scrutiny and publication of list of valid nominations : 02/01/2020 From 11:30 A.M. to 12:00 Noon
4) Last Date & Time of withdrawal of nominations : 02/01/2020 From 12:30 P.M. to 01:00 P.M.
5) Date of declaration of list of final nominations : 02/01/2020 From 01:30 P.M. to 01:45 P.M.
6) Date & Time of voting : 04/01/2020 From 09:00 A.M. to 03:00 P.M.
7) Date, Time of counting & declaration of the result : 04/01/2020, Immediately after the voting is over

PART-B
1) Place of filing nominations : At respective Sector Office/Authorised Centre of the Society
2) Date & Time of filling nominations : 03/01/2020 From 10:00 A.M. to 11:00 A.M.
3) Date and Time of scrutiny and publication of list of valid nominations : 03/01/2020 From 11:30 A.M. to 12:00 Noon
4) Last Date & Time of withdrawal of nominations : 03/01/2020 From 12:30 P.M. to 01:00 P.M.
5) Date of declaration of list of final nominations : 03/01/2020 From 01:30 P.M. to 01:45 P.M.
6) Date & Time of voting : 05/01/2020 From 09:00 A.M. to 03:00 P.M.
7) Date, Time of counting & declaration of the result : 05/01/2020, Immediately after the voting is over

One Delegate to be elected from each constituency, name of constituency and venues for voting are mentioned below:

| Place of Election Orissa | Name of Constituency | Venue for Voting |
|---|---|---|
| | | PART-A |
| Bhubaneshwar-II | Bhubaneshwar-II (I), Bhubaneshwar-II (II) Kapila Prasad, Balipatna | Rotary Club Bhubaneswer, Sachivalaya Marg, Unit- 9, Bhubaneshwar, Odisha -751022 |
| Khurda | Khurda (I), Khurda (II), Jatni (I), Jatni (II) Raj Ranpur | C/o Badriprasad Ram, Infront of Judicial Court, State Bank Square, Khurda, Odisha -752055 |
| Chatrapur (Ganjam) | Chatrapur, Rambha | Gouri Sankar Kalyani Mandap, Chatrapur, Ganjam, Odisha -761020 |
| Aska (Ganjam) | Aska(I), Aska(II), Purushottam Pur, Hinjilicut | C/o Jamuna Mohanty, Raghunath Nagar, Palli Chhak, Aska, Ganjam, Odisha -761110 |
| Balasore | Balasore (I), Balasore (II), Remuna Golai, Chandaneswar, Jaleswar | Rajastan bhawan, Motiganj, Near Hindi Vidyapitha, Balasore, Odisha -756001 |
| Soro (Balasore) | Nilagiri, Soro | RK Lodge, Stationsqure, Soro, Balasore, Odisha -756045 |
| Choudhary Bazar (Cuttack) | Choudhary Bazar(I), Choudhary Bazar(II) Choudhary Bazar (III), Choudwar, Jagatpur, C.D.A. Cuttack | Kumuduni Mandap, Chandi Chhaka, Buxibazar, Choudhary Bazar, Cuttack, Odisha -753001 |
| Saleypur (Cuttack) | Saleypur (I), Saleypur (II), Saleypur (III), Saleypur (IV), Korua, Asureswar | Madhusudan Bhawan, Saleypur, Cuttack, Odisha -754202 |
| Puri | Puri (I), Puri (II), Puri (III), Delang (I), Delang (II), Sakhigopal, Brahmagiri | Khakimatha Nuasahi, Near Sahara India Office, Badasankha, Puri, Odisha -752002 |
| Cuttack | Cuttack (I), Cuttack (II), Cuttack (III), Cuttack (IV), Cuttack (V), Chauliaganj (I), Chauliaganj (II), Dharagha Bazar, Kandarpur, Link Road Cuttack, Tangi-II | Noubanijya Sangrahalaya, Zobra, College Square, Cuttack, Odisha -753003 |
| Jajpur Road (Jajpur) | Jajpur Road, Chandikhole (I), Chandikhole (II), Kuakhia, Anandapur | Utsav Palace, Jajpur Road, Jajpur, Odisha-755019 |
| Sambalpur | Sambalpur (I), Sambalpur (II), Sambalpur (III), Sambalpur (IV), Deogarh, Dhanupalli, Rairakhol | Bonvenon Banquet Near, Tangarpali Bridge, N.H.6., Dhanakauda, Sambalpur, Odisha-768001 |
| Balangir | Balangir (I), Balangir (II), Balangir (III), Balangir (IV), Kantabaji | Sambadik Bhawan, Patnagarh Road, Near Civil Court, Balangir, Odisha-767001 |
| Angul | Angul (I), Angul (II),Angul (III), Chhendipada | Evening Higher Secondary School, Madan Mohan Para, Angul, Odisha - 759122 |
| Kendujhargarh (Keonjhar) | Kendujhargarh (I), Kendujhargarh (II), Rairangpur, Karanjia | OTDC Hall, Main Road, Kendujhargarh, Keonjhar, Odisha - 758001 |
| Rourkela (Sundargarh) | Rourkela (I), Rourkela (II), Rourkela (III), Biramitrapur | Ground Floor, Tarni Temple Hall, Panposh Road, Rourkela, Sundargarh, Odissa- 769012 |
| Similiguda (Koraput) | Similiguda, Damanjodi | C/O Jugal Kishor Samal College Square, Main Road, Similiguda, Koraput, Odisha - 764036 |
| Titlagarh (Bolangir) | Titlagarh (I), Titlagarh (II), Raj Khariar | Dharmashala, Main Road, Titlagarh, Bolangir, Odisha- 767033 |
| Jharsugoda | Jharsugoda, Sundargarh, Brajaraj Nagar, Laikera, Belpahar | 3rd Floor, Behera Mall, In Front of Aryan Hotel, Jharsuguda , Odissa - 768201 |
| Phulbani | Phulbani, G Udayagiri, Baliguda | C/o Sasank Sekhar Sahu, Main Road, Phulbani, Odisha - 762001 |
| Nayagarh | Nayagarh, Odagaon, Daspalla, Khandapada | C/o Purna Chandra Mahapatra, Samant Marg, Khandapara Road, Nayagarh, Odisha -752069 |
| Bargarh | Bargarh (I), Bargarh (II), Attabira, Bhatli Road | C/o Din Dayal Agrawal, Near Gurudwara Chowk, Bargarh, Odisha - 768028 |
| Bhawanipatna (Kalahandi) | Bhawanipatna, Kesinga, Junagarh, Dharamgarh | C/o Tripati Sahu Manikeswari, Chowk, Near BSNL Office, Bhawanipatna, Kalahandi, Odisha - 766001 |
| Dhenkanal | Dhenkanal, Kalibazar, Gudiakateni Chack, Kamakhyanagar | C/o Rukmani Prava Nanda, Kanchan Bazar, Dhenkanal, Odisha - 759001 |
| Paradeep (Jagatsinghpur) | Paradeep (I), Paradeep (II), Kujanga | Sramika Bhawan, Madhuban, Paradeep, Jagatsinghpur, Odisha -754142 |
| Nirankarpur (Khorda) | Nirankarpur (I), Nirankarpur (II), Balugaon, Kanas | C/o Sudarshan Prusty, Main Road, Near Rama Mandir, Nirakarpur, Khordha, Odisha -752019 |
| | | PART-B |
| Bhubaneshwar | Bhubaneshwar (I), Bhubaneshwar (II), Phul Nakhara, Old Town | Plot IX / C - 8,Bharat Scout & Guide Building,Unit-3, Bhubaneswar, Odisha -751022 |
| C.R.P. Square (Khordha) | C.R.P.Square, Chandrasekharpur, Patrapada | Plot No-1189, Nilakantha Nagar, 2nd Floor, Near Deba Ray College, C.R.P. Square, Bhubaneswar, Khordha, Odisha -751012 |
| Berhampur (Ganjam) | Berhampur (I), Berhampur (II), Parlakhemdi, Girisola, Digapahandi | Gayatri Plaza, IInd Floor,Tata Benz Square, Berhampur, Odisha -760005 |
| Bhanja Nagar(Ganjam) | Bhanja Nagar, Buguda, Bellaguntha | C/o Dandapani Patra, Main Rd. Baunsalandi, Near Sandeep Talkies, Bhanjanagar, Ganjam, Odisha -761126 |
| Baripada (Mayurbhanj) | Baripada, Udala, Jharpokharia, Betnoti | Rotary Club, Stadium Golai, Baripada, Mayurbhanj, Odisha -757001 |
| Bhadrak | Bhadrak (I), Bhadrak (II), Bhadrak (III), Basudevpur, Charampa | C/o Jayshrre Kar, Kar Market Complex. 2nd Floor, Infront of Axis Bank, By Passs, Bhadrak, Odisha -756100 |
| Athagarh (Cuttack) | Athagarh (I), Athagarh (II), Khuntuni, Narasinghpur, Baramba | Sri Ram Palace, Rajabatinagar, Athgarh, Cuttack, Odisha -754029 |
| Kendrapara | Kendrapara (I), Kendrapara (II), Aul, Pattamundai | Gourisankar Hotel, Kendrapara, Odisha -754211 |
| Nimapara (Puri) | Nimapara (I), Nimapara(II), Nimapara (III), Niali, Kakatpur, Pipili | Suvam Mandap, Near SBI , Nimapara, Puri, Odisha -752106 |
| Jagatsingpur | Jagatsingpur (I), Jagatsingpur(II),Balikuda Jagatsingpur (III), Jagatsingpur (IV), | Sweet Mandap , Badabazar, Jagatsinghpur, Odisha -754103 |
| Singhpur (Jajpur) | Jajpur Town (I), Jajpur Town (II), Bari | C/o Sri Ranjan Mishra, 1st Floor, Honda Show Room, Singhpur, Jajpur, Odisha -755016 |
| Burla (Sambalpur) | Rengali (I), Rengali (II), Fatak | C/o Mamata Nayar ,Near Daily Market, Burla, Sambalpur, Odisha- 768018 |
| Sonepur | Sonepur (I), Sonepur (II), Boudh | Prabhas Lodge, Near Biju Pattnaik Chowk, Sonepur, Odisha - 767017 |
| Thalchar (Angul) | Thalchar(I), Thalchar(II),Pallahara, Parjang | Amalapada UP School, Thalchar, Angul, Odisha - 759100 |
| Barvil (Keonjhar) | Barvil, Jhumpura | C/o Prem Kumar Gupta , Near SBI, Bara Jamda Road, Barvil, Keonjhar, Odisha - 758035 |
| Panposh (Sundargarh) | Panposh, Raj Gangpur, Fertilizer | Mohanty Building, Near Tarini Temple, Panposh Road, Odissa - 769015 |
| Joypore (Koraput) | Joypore, Malkanagiri, Umerkote | Shubham Hotel Complex, Infront V D College, Joypore, Koraput, Odisha - 764012 |
| Raygada | Raygada, Gunupur, Muniguda | C/o M Rama Devi, R K Nagar, Near Sub Post Office, Raygada, Odisha - 765001 |

Note:
1. At the time and place of election, members are requested to bring their photo-ID card with them.
2. The nomination form will be available at the respective Sector Office/Authorised Centre from the A.R.O. appointed by undersigned.
3. The list of the eligible members to vote and contest as per the provisions of the MSCS Act 2002 & Rules, are published by the Returning Officer.
4. List of valid candidates shall be published at the respective Sector Office/Authorised Centre of the Society.

Date: 09.10.2019
Place: Lucknow
For and on behalf of Sahara Credit Cooperative Society Limited
S/d - Ashok Bakshi (Retd. I.A.S.) Returning Officer


ପୁରୁଷୋତ୍ତମ କଳାକେନ୍ଦ୍ରର କଳାକାରଙ୍କୁ ସମ୍ମାନିତ କରାଯାଉଛି।


ଶୀତଲ ପାତ୍ର ସଙ୍ଗୀତ ପରିବେଷଣ କରୁଛନ୍ତି।


ଝରିଗାଁ ବ୍ଲକ ବେଲଗାଁ ଏସ୍‌ଏସ୍‌ଡି ସ୍କୁଲ ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରୁଛନ୍ତି।

# ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ

ନବରଙ୍ଗପୁର,୧୭।୧୨(ବି.ପ୍ର)

ପଲ୍ଲିଶ୍ରୀ ମେଳା ମଙ୍ଗଳବାର ଉଦଯାପିତ ହୋଇଛି। ଶେଷ ଦିନ ହୋଇଥିବାରୁ ମଣ୍ଡେଇ ପଡିଆରେ ଦେଖିବାକୁ ମିଳିଥିଲା ପ୍ରବଳ ଜନସମାଗମ। ଲୋକମାନେ ବିଭିନ୍ନ ଷ୍ଟଲରେ ଜିଣିଷ କିଣାକିଣି କରିଥିଲେ। ସନ୍ଧ୍ୟାରେ ମଞ୍ଚରେ ସଭା ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଦିବସରେ ରାଜସ୍ୱ ପରିଷଦ ଅତିରିକ୍ତ ଶାସନ ସଚିବ ନିହାର ରଂଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲାପାଳ ଅଜିତ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ନିମାଇଁ ଚରଣ ସୂତାର, ଉପଜିଲାପାଳ ଭାସ୍କର ରଇତୋ, ଜିଲା ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ବେର୍ବତ୍ତା, ଜିଲା ବିଜେଡି ସଭାପତି ପ୍ରହ୍ଲାଦ ତ୍ରିପାଠୀ, ଯୋଗେନ୍ଦ୍ର ସ୍ୱାଇଁ, ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବେଷ୍ଟ ଏସଏଚଜି ଭାବେ କୋଟପାଡର ବିଶ୍ୱ ବିଶ୍ୱକର୍ମା ଏସଏଚଜି ପ୍ରଥମ ହୋଇଥିଲା। ହସ୍ତତନ୍ତରେ ଉତ୍ତମ ପ୍ରଦର୍ଶନ ପାଇଁ ସୋନପୁର ହ୍ୟାଣ୍ଡିକାଫ୍ଟ ଏବଂ ପଲ୍ଲିଶ୍ରୀ ମେଳାରେ ୪ ଲକ୍ଷ୨୦ ହଜାର ଟଙ୍କାର ସର୍ବାଧିକ ବ୍ୟବସାୟ କରି ରାୟଗଡା ଜିଲା ରାମନାଗୁଡା ଶ୍ରୀ କ୍ରୀଷ୍ଣା ଏସଏଚଜି ସମ୍ମାନିତ ହୋଇଥିଲା। ଜିଲାସ୍ତରୀୟ ପ୍ରଶାସନ ପକ୍ଷରୁ ଖୋଲାଯାଇଥିବା ଷ୍ଟଲ ମଧ୍ୟରୁ ଜଳବିଭାଜିକା ପ୍ରଥମ, ଆଇଟିଡିଏ ୨ୟ, ଜିଲା ଶିଳ୍ପ କେନ୍ଦ୍ର ଓ ଉଦ୍ୟାନ କୃଷି ବିଭାଗ ଯୁଗ୍ମ ୩ୟ ହୋଇଥିଲେ। ସମସ୍ତ ଟ୍ରଫି ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।


ଉଲ୍ଲେଖନୀୟ ଷ୍ଟଲ୍ ପାଇଁ ଆଇଟିଡିଏକୁ ଟ୍ରଫି ପ୍ରଦାନ କରାଯାଉଛି।

■ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଉପଦେଷ୍ଟାଙ୍କ ଅନ୍ୱେଷା ହଷ୍ଟେଲ ଗସ୍ତ

# ଛାତ୍ରୀଛାତ୍ରଙ୍କ ସହ କଲେ ଭାବବିନିମୟ


ମୁନା ଖାଁ ଛାତ୍ରୀଛାତ୍ରଙ୍କ ସହ ଭାବବିନିମୟ କରି ପୋଷାକ ବାଣ୍ଟୁଛନ୍ତି।

ନବରଙ୍ଗପୁର,୧୭।୧୨(ବି.ପ୍ର.)

ନବରଙ୍ଗପୁର ଟିର୍ଲି ଆମ୍ବୁଗୁଡା ନିକଟରେ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଅନ୍ୱେଷା ବିଦ୍ୟାଳୟକୁ ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଉପଦେଷ୍ଟା ମୁନା ଖାଁ ଅଚାନକ ଗସ୍ତ କରି ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିଛନ୍ତି । ପିଲାମାନେ କିଭଳି ପାଠ ପଢୁଛନ୍ତି। ସେମାନଙ୍କ ଶିକ୍ଷା ବ୍ୟବସ୍ଥା କିଭଳି ରହିଛି ତାହା ପଚାରି ବୁଝିଥିଲେ । ଛାତ୍ର ମାନେ ଇଂଲିସରେ କଥା ବାର୍ତ୍ତା ହେଉଥିବା ଦେଖି ଉପଦେଷ୍ଟା ଖାଁ ଖୁସି ପ୍ରକଟ କରିଥିଲେ । ଖାଦ୍ୟ ପେୟ ବ୍ୟବସ୍ଥା ଓ ସେମାନଙ୍କ ହଷ୍ଟେଲ ସୁବିଧା ଦେଖିଥିଲେ । ପରେ ଛାତ୍ରୀ ଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ପୋଷାକ ବଣ୍ଟନ କରିଥିଲେ । ପିଲାମାଙ୍କୁ ଭଲ ପାଠ ପଢି ଜିଲା ଓ ରାଜ୍ୟର ନାଁ ରଖିବା ପାଇଁ ପରାମର୍ଶ ଦେଇଥିଲେ । କୌତୁକ କଥା କହି ଅନ୍ତେବାସୀ ପିଲାଙ୍କ ମନ ମୋହିଥିଲେ ଉପଦେଷ୍ଟା ଖାଁ । ଏହି କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ହଷ୍ଟଲ ସୁପରିଣ୍ଟେଣ୍ଡେଣ୍ଟ କାଳି କିଙ୍କର ପଟ୍ଟନାୟକ ସମେତ ଶିକ୍ଷକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଧାନ ଅମଳ ଯନ୍ତ୍ରରେ କଟିଲା ହାତ

ଉମରକୋଟ,୧୭।୧୨(ଡି.ଏନ.ଏ)

ଉମରକୋଟ ବ୍ଲକ କୋପେନା ପଞ୍ଚାୟତର ଅଣ୍ଡିରାରେ ଧାନ ଅମଳ ଯନ୍ତ୍ରରେ ଧାନ ଅମଳ ବେଳେ ହାତ ପଶିଯିବାରୁ ଶ୍ରମିକ ସନପଥ ଗଣ୍ଡ(୨୫)ଙ୍କ ହାତ କଟିଯାଇଛି। ସନପଥଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ସହୀଦ ଲକ୍ଷ୍ମଣନାୟକ ମେଡିକାଲ କଲେଜକୁ ପଠାଯାଇଥିଲା। ସନପଥ ଜଣେ ଲୋକଙ୍କ ଟ୍ରାକ୍ଟରରେ ମଜୁରିଆ ଭାବେ କାମ କରୁଥିଲେ। ଧାନ ଅମଳ ଯନ୍ତ୍ରରେ ଧାନ ଅମଳ କଲା ବେଳେ ସନପଥଙ୍କ ହାତ ଧାନ ଗଛ ସହ ମେଶିନ ଭିତରେ ପଶି ଯାଇଥିଲା।

# ନିର୍ଦ୍ଧାରିତ ସମୟରେ ଫଇସଲା ହେବ ରାଜସ୍ୱ ମାମଲା

ନବରଙ୍ଗପୁର,୧୭।୧୨(ବି.ପ୍ର.)

କଟକର ରାଜସ୍ୱ ପରିଷଦ ଅତିରିକ୍ତ ଶାସନ ସଚିବ ନିହାର ରଂଜନ ଦାଶ ଦୁଇଦିନିଆ ନବରଙ୍ଗପୁର ଗସ୍ତରେ ଆସିଥିଲେ। ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟ ସହ ଜିଲାପାଳଙ୍କ କୋର୍ଟ ଅନୁଧ୍ୟାନ କରିଥିଲେ । ଏହି ପରିପ୍ରେକ୍ଷିରେ ଅତିରିକ୍ତ ଶାସନ ସଚିବ କହିଥିଲେ ଯେ, ଓଡିଶା ସରକାର ଓ ରାଜସ୍ୱ ପରିଷଦର ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ଜିଲାକୁ ଅଗ୍ରାଧିକାର ଭିତ୍ତିରେ ଆରସିସିଏମଏସ ପ୍ରଣାଳୀରେ କମ୍ପ୍ୟୁଟର କରଣ କରାଯିବ। ବିଭିନ୍ନ ରାଜସ୍ୱ ମାମଲା ଗୁଡିକର ସରଳୀକରଣ ଓ ନିର୍ଦ୍ଧାରିତ ସମୟରେ ଫୈସଲା କରାଯିବା।

■ ଜଳ ସଂରକ୍ଷଣ ଉପରେ ତାଲିମ ଶିବିର

# ଭୂତଳ ଜଳ ସଂରକ୍ଷଣ ଜରୁରୀ

ନବରଙ୍ଗପୁର,୧୭।୧୨(ବି.ପ୍ର)

କେନ୍ଦ୍ର ସରକାରଙ୍କ ଜଳ ସଂରକ୍ଷଣ ମନ୍ତ୍ରାଳୟ ଆନୁକୁଲ୍ୟରେ ରାୟପୁର ସ୍ଥିତ ରାଜୀବ ଗାନ୍ଧୀ ରାଷ୍ଟ୍ରୀୟ ଭୂମି ଜଳ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା ପକ୍ଷରୁ ନବରଙ୍ଗପୁର ଯୁକ୍ତି ତିନି ମହିଳା ମହାବିଦ୍ୟାଳୟଠାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ଜିଲାପାଳ ଅଜିତ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଜଳ ସଂରକ୍ଷଣ ଆଗକୁ ଅତି ଜରୁରୀ ହୋଇ ପଡିଛି । ଏ ନେଇ ଏବେଠାରୁ ହିଁ ସଜାଗ ହେବାକୁ ପଡିବ । ନବରଙ୍ଗପୁର ଜିଲାରେ ୨୫ ବର୍ଷ ମଧ୍ୟରେ ଏକ ମିଟର ଜଳ ସ୍ତର କମିଛି। ଏହା ଚିନ୍ତାଜନକ। ଶାଳ ଗଛ ଦ୍ୱାରା ମୃତ୍ତିକାରେ ଜଳ ସଂରକ୍ଷଣ ହୋଇଥାଏ । ଏନେଇ ଶାଳ ଜଙ୍ଗଲ ଓ ବୃକ୍ଷ ଲଗାଇବା ପ୍ରତି ଗୁରୁତ୍ୱ ଦେବାକୁ କହିଥିଲେ। ନଦୀ, ନାଳ ଓ ବର୍ଷା ଜଳ କିଭଳି ସଂରକ୍ଷଣ ହେବ ସେ ନେଇ ଉଦ୍ୟମ ଜାରି ରହିଛି । ଜିଲାରେ ଅଧିକ ଜଳ ସଂରକ୍ଷଣ କିଭଳି ହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବ । ଭିଏତନାମଠାରେ ପାଣିପାଗ ପରିବର୍ତ୍ତନ ଓ ଜଳ ସଂରକ୍ଷଣ ଉପରେ ଆଲୋଚନା ବେଳେ ନବରଙ୍ଗପୁର ଜିଲାର ପାଣିପାଗ ଓ ଜଳସ୍ତର କମିବା ନେଇ ସେଠାରେ ଜିଲାପାଳ ତଥ୍ୟ ଉପସ୍ଥାପନ କରିଥିଲେ ବୋଲି କହିଥିଲେ । ପାଣିପାଗ ପରିବର୍ତ୍ତନ ପାଇଁ ଆମେ ନିଜେ ହିଁ ଦାୟୀ। ଆଡିବନ୍ଧ ମାଧ୍ୟମରେ ଜଳ ସଂରକ୍ଷଣ ବ୍ୟବସ୍ଥା ଜିଲାରେ ଗ୍ରହଣ କରାଯାଇଛି । ଏହା ଦ୍ୱାରା କୃଷି କାର୍ଯ୍ୟ ମଧ୍ୟ ହୋଇ ପାରୁଛି। ମେଗାଲିଫ୍ଟ ପଏଣ୍ଟ ମାଧ୍ୟମରେ ଚାଷୀ ପାଣି ପାଉଛନ୍ତି। ବର୍ଷା ଜଳ ସଂରକ୍ଷଣ କରାଯିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉଥିବା କହିଥିଲେ। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ନିର୍ଦ୍ଦେଶକ ପି.କେ. ମହାପାତ୍ର ଯୋଗ ଦେଇ ଜଳ ସଂରକ୍ଷଣ, ଭୂତଳ ଜଳ ବୃଦ୍ଧି କରିବା, ନଦୀ ଜଳ ସୁରକ୍ଷା ଉପରେ କହିବା ସହ ଏହି ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ ଯୋଗ ଦେଇ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷା ମଳେଶ୍ୱରୀ ସାହୁ ଧନ୍ୟବାଦ ଦେଇଥିଲେ । ଏହି ଶିବିରରେ ୧୨୫ ଛାତ୍ରୀ ଭାଗ ନେଇଥିଲେ । ଛାତ୍ରୀ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ସଂସ୍ଥା ପକ୍ଷରୁ ଅଧ୍ୟକ୍ଷା ସାହୁ ଓ ଅଧ୍ୟାପକ ନୃପେନ୍ଦ୍ର ଖୋସଲାଙ୍କୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉଠା ଜଳସେଚନ, ଜିଲା ଜଳ ଓ ପରିମଳ ବିଭାଗ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଆଦି ବିଭାଗର ଅଧିକାରୀ, ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ।

# ନବରଙ୍ଗପୁର ମହାବିଦ୍ୟାଳୟରେ ଲାପଟପ ବଣ୍ଟନ

ନବରଙ୍ଗପୁର, ୧୭।୧୨(ଡି.ଏନ.ଏ)

ଓଡିଶା ସରକାରଙ୍କ ବିଜୁ ଯୁବ ସଶକ୍ତିକରଣ ଯୋଜନା ଆନୁକୂଲ୍ୟରେ ନବରଙ୍ଗପୁର ମହାବିଦ୍ୟାଳୟଠାରେ ଲାପଟପ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନବରଙ୍ଗପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରଫୁଲ୍ଲ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଡାବୁଗାଁ ବିଧାୟକ ତଥା ନବରଙ୍ଗପୁର ମହାବିଦ୍ୟାଳୟ ପରିଚାଳନା ସମିତିର ଅଧ୍ୟକ୍ଷ ମନୋହର ରନ୍ଧାରୀ ଯୋଗ ଦେଇ ପାଠପଢା ସହିତ ସମାଜସେବା କାର୍ଯ୍ୟରେ ନିଜକୁ ସଂପୂର୍ଣ୍ଣ ଭାବରେ ନିୟୋଜନ କରିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ । ବର୍ତ୍ତମାନ ଓଡିଶା ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ୫ଟି ସମ୍ପର୍କରେ କହିଥିଲେ। ଉଚ୍ଚଶିକ୍ଷା କ୍ଷେତ୍ରରେ ଶିକ୍ଷାର ମାନବୃଦ୍ଧି କରିବା ପାଇଁ ଓଡିଶା ସରକାରଙ୍କ ୫ଟି କାର୍ଯ୍ୟକ୍ରମ ଏକ ଅଭିନବ ଉପାୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଯୋଗ ଦେଇଥିଲେ। ଏହି ଅବସରରେ ଜିଲାର ୨୩ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୬୧ ମେଧାବୀ ଛାତ୍ରୀଛାତ୍ରଙ୍କୁ ଲାପଟପ ବଣ୍ଟନ କରାଯାଇଥିଲା ।

# ବ୍ଲକସ୍ତରୀୟ ଖେଳ ପ୍ରତିଯୋଗିତା

ତେନ୍ତୁଲିଖୁଣ୍ଟି,୧୭।୧୨(ଡି.ଏନ.ଏ)

ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ତେନ୍ତୁଲିଖୁଣ୍ଟି ବ୍ଲକସ୍ତରୀୟ ଖେଳ ପ୍ରତିଯୋଗିତା ଶନିବାର ଉଦଯାପିତ ହୋଇଯାଇଛି। ଏହା ଅଞ୍ଚଳଗୁମ୍ମା ବିଜାପଦର ଭଟ୍ଟାରେ କମ୍ୟୁନିଟି ହେଲଥ ଆଣ୍ଡ ରିହାବିଲେସନ ଆଶୋସିଏସନ ତରଫରୁ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ସ୍ଥାନରୁ ୧୮୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ବରିଷ୍ଠ ଓ କନିଷ୍ଠ ବର୍ଗ କରାଯାଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗୀଙ୍କୁ ନେହେରୁ ଯୁବକେନ୍ଦ୍ର ତରଫରୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦଯାପନୀ ଦିବସରେ ନେହେରୁ ଯୁବ କେନ୍ଦ୍ର ଯୁବ ସଂଯୋଜକ ବି.ରମେଶ, ଅଭିଳାଷ ନାୟକ, ରାମକୃଷ୍ଣ ମହିଳା ସଂଘ ସଭାନେତ୍ରୀ ରଶ୍ମିତା ପ୍ରଧାନୀ, ସମ୍ପାଦିକା ସବିତା ମାଝି, ଦେବଦତ୍ତ ଯୁବକ ସଂଘର ରୁନା ପଟ୍ଟନାୟକ, ଖଗପତି ପୂଜାରୀ, ଶବି ମାଝି, ସନ୍ତୋଷ ଶିରା ପ୍ରମୁଖ ସହଯୋଗ କରିଥିଲେ। ପ୍ରୀତିଶ ଚନ୍ଦ୍ର, ସୁଜିତ ରଥ, ବିଦ୍ୟାଧର ସିଂ ପରିଚାଳନା କରିଥିଲେ।


ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ଅବସରକାଳୀନ ସମ୍ବର୍ଦ୍ଧନା

ଚନ୍ଦାହାଣ୍ଡି, ୧୭।୧୨ (ଡି.ଏନ.ଏ)

ଚନ୍ଦାହାଣ୍ଡି ବ୍ଲକ ଫୁଲଝରୀ ଡ୍ୟାମରେ ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପଦ୍ମଲୋଚନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝି, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ମୁଖ୍ୟବକ୍ତା ବିଇଓ ଭଜନଲାଲ ମାଝି, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ଟିକମ ସିଂ ନାୟକ, ସାମାଜିକ କର୍ମୀ ପ୍ରମୋଦ କୁମାର ପାଢୀ, ଏବିଇଓ ଦ୍ୟୁତୀବାହନ ଖମାରୀ, ରତ୍ନାକର ନାୟକ, ପ୍ରେମଚାନ୍ଦ ସିଂ ଧୁରୁଆ, ରାଜ୍ୟ ସଂଘ ଉପଦେଷ୍ଟା ଲକ୍ଷ୍ମୀକାନ୍ତ ବାହିନୀ ପତି, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁବାଷ ପଣ୍ଡା, ଜିଲା ସମ୍ପାଦକ ଲିମ୍ବୁଚରଣ ଶିରା, ଜିଲା ସଙ୍ଗଠନ ତ୍ରିଲୋଚନ ପାଣ୍ଡେ ପ୍ରମୁଖ ଯୋଗ ଦେଇଥିବା ବେଳେ ପୁରୁଷୋତ୍ତମ ପାରୀ ମଞ୍ଚ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମଣ ସାହୁ, ରାଜେନ୍ଦ୍ର କୁମାର ଖମାରୀ, ଖଗେଶ୍ୱର ମାଝୀଙ୍କୁ ମୁଖ୍ୟଅତିଥି ମାଝି ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

■ବୁର୍ଜା କସ୍ତୁରବା ଗାନ୍ଧୀ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅଭିଯୋଗ

# ବିଇଓ ଦେଉଥିଲେ ମାନସିକ ନିର୍ଯାତନା

ନବରଙ୍ଗପୁର,୧୭।୧୨(ବି.ପ୍ର.)

■ଅଭିଯୋଗକୁ ଖଣ୍ଡନ କଲେ ବିଇଓ

■ଡିଇଓଙ୍କୁ ଭେଟିବାକୁ ଆସି ଶିକ୍ଷୟିତ୍ରୀ ଗୁରୁତର ଅବସ୍ଥାରେ ଆଇସିୟୁରେ ଭର୍ତ୍ତି

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଶିକ୍ଷା ଅଧିକାରୀ ମାନସିକ ନିର୍ଯାତନା ଦେଉଥିଲେ ବୋଲି ବୁର୍ଜା କସ୍ତୁରବା ଗାନ୍ଧି ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରଗତି ପଣ୍ଡା ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦ କରିବାରୁ ବିଇଓଙ୍କ ରିପୋର୍ଟକୁ ଆଧାର କରି ଜିଲା ଶିକ୍ଷା ଅଧିକାରୀ ଶିକ୍ଷୟିତ୍ରୀ ପଣ୍ଡାଙ୍କୁ ୬ ତାରିଖରେ ନିଲମ୍ବିତ କରିଥିଲେ । ଏହାକୁ ନେଇ ଶିକ୍ଷୟିତ୍ରୀ ପଣ୍ଡା ଜିଲା ଶିକ୍ଷା ଅଧିକାରୀଙ୍କୁ ସୋମବାର ଭେଟିବାକୁ ଆସିଥିଲେ । ଜିଲା ଶିକ୍ଷା ଅଧିକାରୀଙ୍କୁ ଭେଟି ପାରିନଥିଲେ । କାର୍ଯ୍ୟାଳୟରେ ହିଁ ରକ୍ତବାନ୍ତି କରି ପଡି ଯାଇଥିଲେ। ତୁରନ୍ତ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାରେ ଚିକିତ୍ସା ପାଇଁ ତାଙ୍କୁ ଭର୍ତ୍ତି କରାଯାଇଥିଲା । ସେ ଏବେ ଆଇସିୟୁରେ ରହି ଚିକିତ୍ସିତ ହେଉଛନ୍ତି। ବିଇଓ ତାଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଅତ୍ୟଧିକ ମାନସିକ ଚାପ ଦେଉଥିଲେ ବୋଲି ଶିକ୍ଷୟିତ୍ରୀ ପଣ୍ଡା ଅଭିଯୋଗ କରିଛନ୍ତି । ପିଓସୀ ଗତ ୪ ମାସ ହେବ ମାନସିକ ଚାପରେ ରହୁଥିଲେ ବୋଲି ପ୍ରଧାନଶିକ୍ଷୟିତ୍ରୀଙ୍କ ସମ୍ପର୍କିତ ଝିଆରୀ ପୁତୁରାଣୀ ଦତ୍ତ କହିଛନ୍ତି। ବିଦ୍ୟାଳୟ ଓ ମଧ୍ୟାହ୍ନ ଭୋଜନ କମିଟି ସଭାପତି ସୁରେଶ ପଟ୍ଟନାୟକ କହିଛନ୍ତ ଯେ, ୧୨ ଜଣ କର୍ମଚାରୀ ଆବଶ୍ୟକ । ୧୧୪୭ ଛାତ୍ରୀଙ୍କ ପାଇଁ ଜଣେ ରୋଷେୟା, ରାତ୍ର ଜଗୁଆଳି ଓ ପ୍ରଧାନ ଶିକ୍ଷୟିତ୍ରୀ ରହିଛନ୍ତି। ୯ମ ଓ ୧୦ମ ଶ୍ରେଣୀରେ ୫୦ ଛାତ୍ରୀ ରହିଛନ୍ତି । ସେମାନେ ବୁର୍ଜା ହାଇସ୍କୁଲରେ ପାଠ ପଢୁଛନ୍ତି । ସେମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ନାହିଁ। ପ୍ରଧାନ ଶିକ୍ଷୟିତ୍ରୀ କମିଟି ସହ ଆଲୋଚନା କରି କସ୍ତୁରବା ଗାନ୍ଧୀ ବିଦ୍ୟାଳୟରେ ଖାଇବା ବ୍ୟବସ୍ଥା କରିଥିଲେ। କୌଣସି କର୍ମଚାରୀ ସହଯୋଗ ନଥିବା ବେଳେ ସେ ହିଁ ବିଦ୍ୟାଳୟର ସମସ୍ତ କାଗଜ ପତ୍ର କାମ କରୁଥିଲେ । ଆକାଉଣ୍ଟାଣ୍ଟ ପଦବୀରେ କେହି ନଥିବାରୁ ବିଲ୍ ଭାଉଚର ଯୋଗାଡ କରିବା ସମସ୍ୟା ଦେଖା ଦେଉଛି । ଏନେଇ ବ୍ୟାଙ୍କରୁ ୭ ମାସ ହେବ ଟଙ୍କା ଉଠି ନାହିଁ । ତଥାପି ପ୍ରଧାନଶିକ୍ଷୟିତ୍ରୀ ଛାତ୍ରୀମାନଙ୍କ କୌଣସି ଅସୁବିଧା କରି ନାହାନ୍ତି ବୋଲି ସଭାପତି ପଟ୍ଟନାୟକ ଓ ସଭ୍ୟ ପ୍ରଶାନ୍ତ କୁମାର ହରିଜନ କହିଛନ୍ତି। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଥରେ ବିଦ୍ୟାଳୟକୁ ଆସିଥିଲେ । ରୋଷେଇରେ ବିଳମ୍ବ ଘଟିଥିଲା । ସେ ନେଇ ତାଗିଦ କରିଥିଲେ। ବିଇଓ ଯେତେ ଥର ବିଦ୍ୟାଳୟକୁ ଆସିଛନ୍ତି କେବେ ମଧ୍ୟ କମିଟି ସହ ଆଲୋଚନା କରିନାହାନ୍ତି ବୋଲି କହିଥିଲେ। ଉମରକୋଟ ବିଇଓ ବି.ସିଏଚ. ସରକାରଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି ଯେ, ଛାତ୍ରୀମାନଙ୍କୁ ନିଅଣ୍ଟିଆ ଖାଦ୍ୟ ଯୋଗା ଯାଉଥିବା ଅଭିଯୋଗ ରହିଥିଲା। ଡିଇଓଙ୍କ ନିର୍ଦ୍ଦେଶକ୍ରମେ ଘଟଣାର ତଦନ୍ତ କରାଯାଇଥିଲା । ଯେତେବେଳେ ପରିଦର୍ଶନରେ ଯାଏ ଜଣେ ଏବିଇଓ ସାଥିରେ ରହୁଥିଲେ । ନଚେତ ମହିଳା କର୍ମଚାରୀ ଜଣେ ସାଥିରେ ରହୁଥିଲେ ବୋଲି କହିଛନ୍ତି । ମାନସିକ ନିର୍ଯାତନା ଦିଆଯିବା କଥା ଯାହା ଉଠୁଛି ତାହା ମିଛ ବୋଲି କହିଛନ୍ତି। ବିଧାୟକଙ୍କ ଅଭିଯୋଗ ଓ ହଷ୍ଟେଲରେ କମ ଅନ୍ତେବାସୀ ରହିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହାକୁ ନେଇ ୩ ଥର ତଦନ୍ତ କରାଯାଇଛି। ପିଲାମାନେ ହଷ୍ଟେଲରେ ନଥିବା ଅଭିଯୋଗ ହୋଇଥିବାରୁ ଶିକ୍ଷୟିତ୍ରୀ ଡେସ୍କଲାର ଛାତ୍ରୀଙ୍କୁ ଆଣି ଅନ୍ତେବାସୀ ବୋଲି ଦେଖାଇଥିଲେ । ବିଦ୍ୟାଳୟ, ହଷ୍ଟେଲ ପରିଚାଳନାର କାଗଜପତ୍ର ଦେଖାଇ ପାରିନଥିଲେ । ଏନେଇ କୈଫିୟତ ମଗାଯାଇଥିଲା । ଏହାର ସନ୍ତୋଷ ଜନକ ଉତ୍ତର ସେ ଦେଇନଥିଲେ। ଏହାକୁ ନେଇ ନିଲମ୍ବିତ କରାଯାଇଛି । ଶିକ୍ଷୟତ୍ରୀ ଓ କମିଟିର ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି। ଅନ୍ୟପକ୍ଷେ ପୂର୍ବତନ ସହାୟକ ରୋଷେୟା ମଦଳ ବୈପାରୀ କହିଛନ୍ତି ଯେ ବିଦ୍ୟାଳୟରେ ଚାଲିଥିବା କିଛି କାର୍ଯ୍ୟକୁ ନେଇ ଅଭିଯୋଗ କରିବା ପରେ ବିଇଓ ମାନସିକ ନିର୍ଯାତନା ଦେଇଥିଲେ। ଏପରିକି ଘଟଣାର ତଦନ୍ତ ନକରିବାରୁ ଭୟଭିତ ହୋଇ ପଡିଥିଲି । ୨୦୧୮ ନଭେମ୍ବର ୬ ତାରିଖରେ କାମ ଛାଡି ଗାଁକୁ ଚାଲି ଆସିଲି । ପ୍ରଧାନଶିକ୍ଷୟିତ୍ରୀ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି ଜାଣିବା ପରେ ଦେଖିବାକୁ ଆସିଛି ବୋଲି କହିଛନ୍ତି। ତେବେ ବିଦ୍ୟାଳୟରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରାଗଲେ ସତ୍ୟାସତ୍ୟ ଜଣାପଡିବ ବୋଲି କୁହାଯାଉଛି। ପ୍ରଧାନଶିକ୍ଷୟିତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ନେଇ ଡାକ୍ତର ସୁଶାନ୍ତ କୁମାର ପଣ୍ଡାଙ୍କୁ ପଚାରିବାରୁ କହିଥିଲେ ଯେ ସ୍ୱାସ୍ଥ୍ୟରେ ଉନ୍ନତି ଆସିଛି । ରକ୍ତ ବାନ୍ତି କମିଛି ।


ଆଇସିୟୁରେ ଚିକିତ୍ସିତ ହେଉଛନ୍ତି ପ୍ରଧାନଶିକ୍ଷୟିତ୍ରୀ ପ୍ରଗତି ପଣ୍ଡା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ବୁଧବାର, ଡିସେମ୍ବର ୧୮ /୨୦୧୯ Rayagada, Wednesday, December 18/ 2019

## ସଂକ୍ଷେପରେ

### ଚିତ୍ରାଙ୍କନ ପ୍ରତିଯୋଗିତା

**ଦାମନଯୋଡ଼ି,୧୭।୧୨(ଡି.ଏନ୍.ଏ.):** ନାଲ୍‌କୋ କମ୍ୟୁନିଟି ସେଣ୍ଟର ପକ୍ଷରୁ ଶିଶୁ ମହୋତ୍ସବ-୨୦୧୯ ପାଳନ ଅବସରରେ ନର୍ସରୀଠାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୨୩୪ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। କମ୍ୟୁନିଟି ସେଣ୍ଟର ସଭାପତି ରବୀନ୍ଦ୍ରନାଥ ସ୍ୱାଇଁ, ଉପସଭାପତି ପୁରୁଷୋତ୍ତମ ଲେହରା, ସାଧାରଣ ସମ୍ପାଦକ ଶୁକଦେବ ପଟ୍ଟାୟତ, ସାଂସ୍କୃତିକ ସମ୍ପାଦକ ଗୌତମ ବିଷୋୟୀ, ଯୁଗ୍ମ ସମ୍ପାଦକ ରଣଜିତ ନାୟକ, ଆନ୍ତଃକ୍ରୀଡ଼ା ସମ୍ପାଦକ ଶ୍ୟାମସୁନ୍ଦର ଖରା, ବାହ୍ୟକ୍ରୀଡ଼ା ସମ୍ପାଦକ ଦୁର୍ଗାପ୍ରସାଦ ନାୟକ, ପାଠାଗାର ସମ୍ପାଦକ ସଞ୍ଜୟ କୁମାର ସାହୁ, ଲାଇବ୍ରେରିଆନ ଅକ୍ଷୟ କୁମାର ଜେନା, ସହଯୋଗୀ ନିରଞ୍ଜନ ବାରିକ ଉପସ୍ଥିତ ଥିଲେ।



# ମଣ୍ଡି ବୁଲିଲେ ଯୁଗ୍ମ ନିର୍ଦ୍ଦେଶକ



ମଣ୍ଡି ପରିଦର୍ଶନ ବେଳେ ଆଲୋଚନା କରୁଛନ୍ତି ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ।

**ଜୟପୁର/ଫାମ୍ପୁଣି,୧୭।୧୨(ଡି.ଏନ୍.ଏ.)**

କୋରାପୁଟ ଜିଲାରେ ବିଭିନ୍ନ ଧାନ ମଣ୍ଡି ପରିଦର୍ଶନ ଏବଂ ଯାଞ୍ଚ କରିଛନ୍ତି ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଅଜିତ ପାତ୍ର ଗତ ସୋମବାର ଡଙ୍ଗରଛିଞ୍ଚି ମଣ୍ଡି ଏବଂ ଲ୍ୟାମ୍ପ ପରିଦର୍ଶନ କରିବା ସହିତ ଧାନ ମଣ୍ଡିଗୁଡ଼ିକର ବ୍ୟବସ୍ଥା ପଚାରି ବୁଝିଥିଲେ । ସେହିପରି ମଙ୍ଗଳବାର ଫାମ୍ପୁଣି ଧାନମଣ୍ଡିରେ ପହଞ୍ଚି ଯାଞ୍ଚ କରିବା ସହିତ ଟୋକନ ସମସ୍ୟା ନେଇ ଚାଷୀମାନେ ଅଭିଯୋଗ କରିଥିଲେ। ଏନେଇ ତୁରନ୍ତ ଚାଷୀଙ୍କ ଟୋକନ ପ୍ରଦାନ ପାଇଁ ସମସ୍ତ ସଠିକ ତଥ୍ୟ ପ୍ରଦାନ କରିବା ସହିତ କେନ୍ଦ୍ରିୟ କାର୍ଯ୍ୟାଳୟକୁ ପଠାଇବା ପାଇଁ ସ୍ଥାନୀୟ ଅଧିକାରୀ ଏବଂ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହିପରି ଚାଷୀମାନେ ଟୋକନ କିଭଳି ଠିକ ସମୟରେ ପାଇବେ, ସେନେଇ ଦାୟିତ୍ୱରେ ରହିଥିବା ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ନିଷ୍ଠାର ସହିତ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଭାଗଚାଷୀଙ୍କ ଚିହ୍ନଟ ନିମନ୍ତେ ଫାମ୍ପୁଣି ପଞ୍ଚାୟତ ଅଞ୍ଚଳରେ ସରପଞ୍ଚଙ୍କ ଜାଲ ଦସ୍ତଖତ କରାଯାଇଥିବା ନେଇ ଅଭିଯୋଗର ତଦନ୍ତ ମଧ୍ୟ ଯୁଗ୍ମ ସଚିବ ପାତ୍ର କରିଥିଲେ। ଏହିପରି ଦୁଇଜଣ ଜମି ମାଲିକଙ୍କ ଭାଗଚାଷୀ ଭାବେ ଚାଷ କରୁଥିବା ଦୁଇଜଣ ଚାଷୀଙ୍କୁ ପଚାରି ବୁଝିଥିଲେ। ସେହିପରି ଚିହ୍ନଟ ପାଇଁ ସରପଞ୍ଚଙ୍କ ସାର୍ଟିଫିକେଟ ଯାଞ୍ଚ କରାଯାଇଥିଲା। ସେହିପରି ଅନ୍ୟ ମଣ୍ଡିଗୁଡ଼ିକ ଯୁଗ୍ମ ନିର୍ଦ୍ଦେଶକ ପାତ୍ରଙ୍କ ସମେତ ଏସିଏସ୍‌ଓ ରବିନାରାୟଣ ନନ୍ଦ, ସହକାରୀ କୃଷି ଅଧିକାରୀ କେ. ସତ୍ୟନାରାୟଣ, ଏଆରସିଏସ୍ ଅଶୋକ ଭଞ୍ଜମିଶ୍ର ଉପସ୍ଥିତ ଥିଲେ।

# ମାରାଥନ ଦୌଡ଼ରେ ସିଦ୍ଧାର୍ଥ, ଦୁଷ୍ୟନ୍ତ ପୁରସ୍କୃତ

**ଦାମନଯୋଡ଼ି,୧୭।୧୨(ଡି.ଏନ୍.ଏ.)**

ଭୁବନେଶ୍ୱରର କଳିଙ୍ଗ ଷ୍ଟାଡ଼ିୟମରେ ଗତ ଗୁରୁବାର ଷ୍ଟେଟ୍‌ବ୍ୟାଙ୍କ ପକ୍ଷରୁ ଗ୍ରୀନ୍ ମାରାଥନ ଅନୁଷ୍ଠିତ ହୋଇଛି। ଏଥିରେ ୧୦ କିମି ବିଭାଗରେ ଦାମନଯୋଡ଼ି ଦିଲ୍ଲୀ ପବ୍ଲିକ ସ୍କୁଲର ନବମ ଶ୍ରେଣୀ ଛାତ୍ର କେ. ସିଦ୍ଧାର୍ଥ ପାତ୍ର ମାତ୍ର ୫୫ ମିନିଟ୍‌ରେ ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲେ। ଏଥିରେ ଥିବା ନିୟମ ଅନୁଯାୟୀ ୯୦ ମିନିଟ୍ ମଧ୍ୟରେ ପହଞ୍ଚିଥିବା କ୍ରୀଡ଼ାବିତ୍‌ଙ୍କୁ ପୁରସ୍କାର ସ୍ୱରୂପ ମେଡାଲ ଓ ପ୍ରମାଣପତ୍ର ଦିଆଯାଇଥିଲା। ଉଲ୍ଲେଖଯୋଗ୍ୟ, ସିଦ୍ଧାର୍ଥଙ୍କ ପିତା କେ. ନାଗେଶ୍ୱର ପାତ୍ର ନାଲ୍‌କୋ ପ୍ଲାଣ୍ଟରେ ଚାର୍ଜମ୍ୟାନ୍ (ଗ୍ରେଡ୍-୨) ଭାବେ କାର୍ଯ୍ୟରତ। ସେହିଭଳି ଏହି ପ୍ରତିଯୋଗିତାରେ ଦାମନଯୋଡ଼ି ନାଲ୍‌କୋ ପ୍ରକଳ୍ପରେ କାର୍ଯ୍ୟରତ ଦୁଷ୍ୟନ୍ତ ପଟ୍ଟନାୟକ (ଡେପୁଟି ମ୍ୟାନେଜର) ଏହି ୧୦ କିମି ଦୂରତାକୁ ୧ ଘଣ୍ଟା ୧୧ ମିନିଟ୍‌ରେ ଅତିକ୍ରମ କରି ପୁରସ୍କୃତ ହୋଇଥିଲେ। ଉଭୟ ସିଦ୍ଧାର୍ଥ ଓ ଦୁଷ୍ୟନ୍ତ ରାଜ୍ୟ ଭିତରେ ଓ ବାହାରେ ବିଭିନ୍ନ ବିଭାଗରେ ପ୍ରାୟ ୩୦ଟି ମାରାଥନ୍ ଦୌଡ଼ି ସାରିଛନ୍ତି। ଏହି ପ୍ରତିଯୋଗିତାରେ ୪ ହଜାର ପ୍ରତିଯୋଗୀ ଭାଗ ନେଇଥିଲେ।




# ଜମି ମାପିଦେବା ନାଁରେ ଲାଞ୍ଚ

## ତହସିଲ ଅଫିସ୍‌ର ଦ୍ୱାରସ୍ଥ ହେଲେ ୪ ଭାଇ

**ଦଶମନ୍ତପୁର, ୧୭।୧୨ (ଡି.ଏନ୍.ଏ.)**

ଦଶମନ୍ତପୁର ବ୍ଲକ ଲୁଲ୍ଲା ପଞ୍ଚାୟତ ଆମିଳିଆମ୍ବ ଗ୍ରାମରେ ଜଣେ ଚାଷୀଙ୍କୁ ଜମିଜମା ଭାଗ ବାଣ୍ଟିଦେବି ବୋଲି ପ୍ରଲୋଭନ ଦେଖାଇ ଲାଞ୍ଚ ନେଇଥିବା ତହସିଲଦାରଙ୍କ ପାଖରେ ଅଭିଯୋଗ ହୋଇଛି। ଆମିଳିଆମ୍ବ ଗ୍ରାମର ୪ ଭାଇ ଗୁଲା ଜାନୀ, ନାଭ ଜାନୀ, ବିଶୁ ଜାନୀ ଏବଂ ସମଲୁ ଜାନୀ। ସେମାନଙ୍କ ପୂର୍ବ ପୁରୁଷରୁ ବିଲ, ଭଟ୍ଟା ଜମି ଭଳି ୨୯ ଏକର ରହିଛି। ଭାଗବଣ୍ଟା ପାଇଁ ନିଷ୍ପତ୍ତି ନେବା ପରେ ସେମାନେ ପଟ୍ଟା ଧରି ରାଜସ୍ୱ ନିରୀକ୍ଷକଙ୍କ ନିକଟକୁ ଯାଇଥିଲେ। କିନ୍ତୁ ସେ ମପାଚୁପ ପାଇଁ ସେମାନଙ୍କୁ ୧୨ ହଜାର ଟଙ୍କା ମାଗିଥିଲେ। ସେହି ଅର୍ଥ ନେବାର ୨ ବର୍ଷ ବିତିଯାଇଥିଲେ ମଧ୍ୟ ରାଜସ୍ୱ ନୀରିକ୍ଷକ କିଛି କାମ କରିନାହାନ୍ତି। ଇତିମଧ୍ୟରେ ସେ ଅନ୍ୟ ପଞ୍ଚାୟତକୁ ବଦଳି ମଧ୍ୟ ହୋଇସାରିଲେଣି ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଏନେଇ ସେମାନେ ତହସିଲଦାର ଅଜୟ ପ୍ରକାଶ ତିର୍କିଙ୍କୁ ଭେଟିବାକୁ ଯାଇଥିବା ବେଳେ ତାଙ୍କ ଅନୁପସ୍ଥିତି ଯୋଗୁ ଅଫିସ୍ କର୍ମଚାରୀ ସୁରେନ୍ଦ୍ରନାଥ ସାହୁଙ୍କୁ ଅଭିଯୋଗ ପତ୍ର ଦେଇଥିଲେ। କର୍ମଚାରୀ ସାହୁ ଏ ପ୍ରସଙ୍ଗ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପଦକ୍ଷେପ ନ ହେଲେ ଜିଲାପାଳଙ୍କୁ ଭେଟିବେ ବୋଲି ୪ ଭାଇ କହିଛନ୍ତି। ଏ ସଂପର୍କରେ ରାଜସ୍ୱ ନିରୀକ୍ଷକଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ମୁଁ ସେମାନଙ୍କୁ ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ଲାଭ କରାଇ ଦେଇଛି। ୫ ହଜାର ଟଙ୍କା ରଖି ବଳକା ଅଫିସରେ ଜମା କରିଦେବି।



ତହସିଲ କର୍ମଚାରୀଙ୍କୁ ଦାବିପତ୍ର ଦେଉଛନ୍ତି ଜାନି ପରିବାର ।




# ଦୁର୍ଘଟଣାରେ ଜଣେ ମୃତ

**ବାହାନଗା,୧୭।୧୨(ଡି.ଏନ.ଏ.)**– ମଙ୍ଗଳବାର ରାତି ସାଢେ ୯ଟା ବେଳେ ବାଲେଶ୍ୱର ଜିଲା ବାହାନଗା ବଜାରସ୍ଥିତ ୧୬ ନମ୍ବର ଜାତୀୟ ରାଜପଥ ଉପରେ ଏକ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ଅଚିହ୍ନା ଯୁବକଙ୍କ ମୃତ୍ୟୁ ଘଟିଛି। ସୋର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଛି । ତାଙ୍କ ପରିଚୟ ମିଳିନାହିଁ । ତେବେ କେଉଁ ଗାଡି ଧକ୍କାରେ ତାଙ୍କର ମୃତ୍ୟୁ ହୋଇଛି ତାହା ଜଣାପଡିନାହିଁ।

# ପର୍ଯ୍ୟଟନ ସ୍ଥଳୀ ଭ୍ରମଣ କଲେ ସବୁଜବାହିନୀ ଛାତ୍ରୀଛାତ୍ର



ସବୁଜ ବାହିନୀ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

**ମାଲକାନଗିରି,୧୭।୧୨ (ଡି.ଏନ.ଏ.)**

ମାଲକାନଗିରି ସଦର ବ୍ଲକ ଏମ୍.ଭି.-୧୬ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ୫୦ର ଊର୍ଦ୍ଧ୍ୱ ସବୁଜବାହିନୀ ଛାତ୍ରୀଛାତ୍ର ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ ଭ୍ରମଣ କରିବା ସହ ବଣବୋଜି ମଜା ଉଠାଇଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ସାଧନା ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଚିତ୍ରକୋଣ୍ଡା ସ୍ଥିତ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀକୁ ଯାଇ ଛାତ୍ରୀଛାତ୍ରମାନେ ନୌ ବିହାର, ଶିଶୁ ଉଦ୍ୟାନ, ପୁଷ୍ପ ବଗିଚା, ବିଭିନ୍ନ ବନ୍ୟଜନ୍ତୁଙ୍କ ପ୍ରତିମୂର୍ତ୍ତି, ଦୋଳି, ଔଷଧୀୟ ବଗିଚା ଆଦି ବୁଲି ଦେଖିଥିଲେ। ଏହି ପର୍ଯ୍ୟଟନ ସ୍ଥଳୀ ନିକଟରେ ପ୍ରବାହିତ ଝରଣା କୁଳରେ ବଣଭୋଜି କରି ଛାତ୍ରୀଛାତ୍ରମାନେ ଖୁସି ହୋଇଥିଲେ। ଏଠାରୁ ଫେରିବା ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଚନା ପ୍ରତିଯୋଗିତା ହେବ । ଯେଉଁମାନେ କୃତକାର୍ଯ୍ୟ ହେବେ ସେମାନଙ୍କୁ ପୁରସ୍କୃତ କରାଯିବ ବୋଲି ପ୍ରଧାନଶିକ୍ଷୟିତ୍ରୀ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ କଲ୍ୟାଣୀ ସାହୁ, ଅଭିରାମ ସିଂ, ରୀତା ଦାସ, ସଞ୍ଜୁକ୍ତା ପ୍ରଧାନ, ମାୟାରାଣୀ ଢାଲି ପ୍ରମୁଖ ଛାତ୍ରୀଛାତ୍ରଙ୍କ ସହ ଯାଇଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

**ସଂକ୍ଷେପରେ**

## ଓଏସ୍‌ଏପି ବାଟାଲିୟନ ପକ୍ଷରୁ ସଚେତନତା



ଲକ୍ଷ୍ମୀପୁର,୧୭।୧୨(ଡି.ଏନ୍.ଏ.): ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମା ଉଚ୍ଚବିଦ୍ୟାଳୟରେ ଓଏସ୍‌ଏପି ତୃତୀୟ ବାଟାଲିୟନର ଓଡ୍ରାଫ୍ ଟିମ୍ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଛି। ଓଡ୍ରାଫ୍ ଟିମ୍ ସୁବେଦାର ସୁଜିତ ହୋତାଙ୍କ ନେତୃତ୍ୱରେ ହାବିଲଦାର ମୁକେଶ ପ୍ରଧାନ, ରଞ୍ଜିତ ତ୍ରିପାଠୀ, ଆଲୋକ ପାଣି, ସନ୍ତୋଷ ପଣ୍ଡା, ଅନୱର ଅଲ୍ଲି ବନ୍ୟା, ବାତ୍ୟା ଭଳି ବିପର୍ଯ୍ୟୟ ବେଳେ ଏହାର କିପରି ମୁକାବିଲା କରାଯିବ, ସେନେଇ ସଚେତନ କରିଥିଲେ। ଉଦ୍ଧାର କାର୍ଯ୍ୟ, ପ୍ରାଥମିକ ଚିକିତ୍ସା, ବଜ୍ରାଘାତ, ଅଂଶୁଘାତ ଏଡ଼ାଇବା ପାଇଁ ମଧ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବିଶୋଇ, ସଞ୍ଜୀବ ବିଶୋଇ, ଦେବାନନ୍ଦ ଚଣ୍ଡୀ, ବିଦ୍ୟା ବିନୋଦିନୀ ସେଠୀ, ଜି. ସୁଜାତା, ମୀନତି ଜେନା ଉପସ୍ଥିତ ଥିଲେ। ୧୭ରେ ଲକ୍ଷ୍ମୀପୁର ସାଙ୍ଗାନ୍ନା ଉଚ୍ଚବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ।

## ୭ ଦିନରେ ତଥ୍ୟ ଦେବ କ୍ରୀଡ଼ା ସଂଘ

ଜୟପୁର,୧୭।୧୨(ଡି.ଏନ୍.ଏ.): ଜୟପୁର ଉପଖଣ୍ଡ କ୍ରୀଡ଼ା ସଂଘ (ଏସ୍‌ଡିଏଏ) ୭ ଦିନ ଭିତରେ ବିନା ମୂଲ୍ୟରେ ସମସ୍ତ ତଥ୍ୟ ଦେବା ପାଇଁ ଉପଜିଲାପାଳ ତଥା ଏସ୍‌ଡିଏଏ ଅଧକ୍ଷ କ୍ରୀଡ଼ା ସଂଘ ସଂପାଦକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ସେପ୍ଟେମ୍ବରରେ ଜୟପୁର ବାଘଭଣ୍ଡାର ସାହିର ବାସିନ୍ଦା ଗୌରବ ହୋତା ସୂଚନା ଆଇନ ବଳରେ କିଛି ତଥ୍ୟ ମାଗିଥିଲେ। କିନ୍ତୁ ଏସ୍‌ଡିଏଏ ନିର୍ଦ୍ଧାରିତ ସମୟରେ ତାଙ୍କୁ ତାହା ଦେଇ ନ ଥିଲା। ଉପଜିଲାପାଳ ଗତ ଶୁକ୍ରବାର ଏହାର ଶୁଣାଣି କରିଥିଲେ। କ୍ରୀଡ଼ାସଂଘ ନିଜକୁ ଏକ ସ୍ୱୟଂଶାସିତ ଅନୁଷ୍ଠାନ, କୌଣସି ସରକାରୀ ଅନୁଦାନରେ ଏହା ଚାଲୁ ନ ଥିବା ଯୋଗୁ ତଥ୍ୟ ଦିଆଯାଇପାରିବ ନାହିଁ ବୋଲି ପାଲଟା ଯୁକ୍ତି ଉପସ୍ଥାପନ କରିଥିଲା। କିନ୍ତୁ ଏହାକୁ ଅଗ୍ରାହ୍ୟ କରି ଆବେଦନକାରୀ ମାଗିଥିବା ତଥ୍ୟ ୭ ଦିନ ମଧ୍ୟରେ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେଉପଜିଲାପାଳ। ସେହିପରି ଗତ ନଭେମ୍ବର ୮ରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଉପଖଣ୍ଡ କ୍ରୀଡ଼ା ସଂଘକୁ ନେଇ ଏକ ଖୋଲା ଆଲୋଚନା ହୋଇଥିଲା। ଦଶହରା ପଡ଼ିଆ ଷ୍ଟାଡିୟମରେ ଭଡ଼ାସୂତ୍ରରେ ଦିଆଯାଇଥିବା ଦୋକାନ ଘରର ବକେୟା ଭଡ଼ା ବାବଦୀୟ ତଥ୍ୟ ଓ ଏସ୍‌ଡିଏଏର ସମସ୍ତ କାଗଜପତ୍ର ୭ ଦିନ ଭିତରେ ଉପଜିଲାପାଳଙ୍କୁ ଦେବେ କ୍ରୀଡ଼ା ସଂଘ ସଂପାଦକ।

## ହତ୍ୟା ମାମଲାରୁ ନିର୍ଦ୍ଦୋଷରେ ଖଲାସ

ବୋରିଗୁମ୍ମା,୧୭।୧୨(ଡି.ଏନ୍.ଏ.)

ଜୟପର ଜିଲା ଅତିରିକ୍ତ ଦେୱାନୀ ଅଦାଲତରେ ଜଜ୍ ରାଜ କିଶୋର ଲେଙ୍କା ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୦୧୩ ଅକ୍ଟୋବର ୧୩ରେ ଲାଟିକଟାର ଗ୍ରାମର ଲକି ଗୌଡ଼ଙ୍କ ପୁଅ ସଦା ଗୌଡ଼ (୩୫) ନିଜ ଗାଁ ଓ ଚାନ୍ଦବେଡ଼ା ଗାଁଲୋକଙ୍କ ସହ ମିଶି ବେଣ୍ଟ ଶିକାର ପାଇଁ ଜଙ୍ଗଲକୁ ଯାଇଥିଲେ। ଚମ୍ପାପଦର ଜଙ୍ଗଲରେ ସଦାଙ୍କ ଦେହରେ ଗୁଳି ବାଜିଥିଲା। ଗାଁ ଲୋକେ ତାଙ୍କୁ କୋରାପୁଟ ଜିଲା ମେଡିକାଲରେ ଭର୍ତ୍ତି କରିଥିଲେ। ଚାନ୍ଦବେଡ଼ାର ମଦନ ଗୌଡ଼ ତାଙ୍କୁ ଗୁଳି ମାରିଥିବା ସଦା ଅଭିଯୋଗ କରିଥିଲେ। ୧୨ ତାରିଖ ଚିକିତ୍ସାଧୀନ ଅବସ୍ଥାରେ ସଦାଙ୍କ ମୃତ୍ୟୁ ହୋଇଥିଲା। ୧୩ରେ ସଦାଙ୍କ ବାପା ଲକି ଗୌଡ଼ ବି.ସିଙ୍ଗପୁର ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ପୋଲିସ କେସ୍ ନଂ ୪୭/୧୩ରେ ମାମଲା ରୁଜୁ କରି ଦଫା ୩୦୨ ଆଇପିସି ୨୫, ୨୭ ଆର୍ମସ ଆକ୍ଟରେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କଠାରୁ ବନ୍ଧୁକ ଜବତ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ କୋର୍ଟ ତାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଲାଲୁ ଷଡ଼ଙ୍ଗୀ ଓ ଆର୍.କେ. ପାତ୍ର ମାମଲା ପରିଚାଳନା କରୁଥିଲେ।

## ଶିଶୁ ବଳାତ୍କାରୀ ଗିରଫ

ଛତ୍ରପୁର,୧୭।୧୨(ଡି.ଏନ.ଏ.): ଛତ୍ରପୁର ଥାନା ଅଞ୍ଚଳର ଜଣେ ୫ ବର୍ଷର ଶିଶୁଙ୍କୁ ବଳାତ୍କାର ଅଭିଯୋଗରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି। ସେହେଲେ ଛତ୍ରପୁର ଥାନା ପୋଡାପଦର ପଞ୍ଚାୟତ ହୁମ୍ମା ଗାଁର କହ୍ନେଇ ରାଉଳ। ମଙ୍ଗଳବାର କହ୍ନେଇଙ୍କୁ ବ୍ରହ୍ମପୁରସ୍ଥିତ ପୋକ୍‌ସୋ କୋର୍ଟରେ ହାଜର କରାଯାଇଥିଲା । ପରେ ତାଙ୍କୁ ବ୍ରହ୍ମପୁର ଜେଲକୁ ପଠାଇ ଦିଆଯାଇଛି। ଶିଶୁଙ୍କୁ ପରିବାର ଲୋକେ ଘରକୁ ନେଇଛନ୍ତି।

■ ସେରୁବନ୍ଧ ଖଣି ଖନନ ପୂର୍ବରୁ ଜନଶୁଣାଣି

# ବିକାଶ ଦାବି ଦୋହରାଇଲେ ଜନତା-ନେତା

**ନାଲ୍‌କୋ ସବୁବେଳେ ଲୋକଙ୍କ ବିକାଶ ସହ ରହିଛି, ରହିବ: ଇଡ**

ପଟ୍ଟାଙ୍ଗି,୧୭।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସେରୁବନ୍ଧ ପାହାଡ଼ରୁ ବକ୍ସାଇଟ ଖନନ ପୂର୍ବରୁ ମଙ୍ଗଳବାର ସ୍ଥାନୀୟ ମିନି ଷ୍ଟାଡିୟମରେ ଆୟୋଜିତ ହୋଇଛି ଜନ ଶୁଣାଣି। ଏଥିରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କର, ଏଡିଏମ୍ ଦେବେନ ପ୍ରଧାନ ସେମିଳିଗୁଡ଼ା ବ୍ଲକର ଖୁଡ଼ି ଓ ସୋରିଷପଦର, ପଟ୍ଟାଙ୍ଗି ବ୍ଲକ କୋଟିଆ, ମାଳିପୁଟ, ପଟ୍ଟାଙ୍ଗି ଓ ନୂଆଗାଁ ପଞ୍ଚାୟତ ବାସିନ୍ଦାଙ୍କ ମତ ଲୋଡ଼ିଥିଲେ।

ପରିବେଶ ରକ୍ଷଣାବେକ୍ଷଣ, ଅଞ୍ଚଳର ଚାଷର ଉନ୍ନତି ପାଇଁ ନାଲ୍‌କୋ ଦୃଷ୍ଟି ଦେବାକୁ ସ୍ୱେଚ୍ଛାସେବୀ ପ୍ରତାପ ଚୌଧୁରୀ କହିଥିଲେ। ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ପ୍ରଥମେ ଅଞ୍ଚଳର ବିକାଶ କରିବାକୁ ଦାବି କରିଥିଲେ ଚୈତନ୍ୟ ନନ୍ଦିବାଲି। ମୁରଲି ଗୁଣ୍ଡା, ସଭାପତି ଭଗବାନ ଗୋଲରି, ନୂଆଗାଁ ପୂର୍ବତନ ସରପଞ୍ଚ ସୁନିଲ ଖରା, ଜଗନ୍ନାଥ ଜାନି, ବଳରାମ ବାରିକ ସେରୁବନ୍ଧ ସୁରକ୍ଷା ସମିତି ପକ୍ଷରୁ ପ୍ରସ୍ତୁତ ୩ପୃଷ୍ଠା ସମ୍ବଳିତ ଦାବିପତ୍ରକୁ ଏଡିଏମ୍, ପ୍ରଦୂଷଣ ବୋର୍ଡ଼ ଓ ନାଲ୍‌କୋ ଇଡି ରବି ଶଙ୍କର ଦାଶଙ୍କୁ ପ୍ରଦାନ କରିଥିଲେ। କୋଟିଆ ପଞ୍ଚାୟତର ମାଝୀ ଗେମେଲ କହିଥିଲେ, ଆମେ ମରିବୁ ପଛେ ଖଣି ପାହାଡ଼ ଦେବୁନାହିଁ। ମାନିଆ ଗ୍ରାମର ବିଭୂତି କୁଳଦିପ ନାଲ୍‌କୋ ସପକ୍ଷରେ ମତ ରଖିଥିଲେ। କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା କହିଥିଲେ, ନାଲ୍‌କୋ ଜିଲା ପ୍ରଶାସନକୁ ଦେଉଥିବା ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ସମ୍ପର୍କରେ କି ପ୍ରକାର ଖସଡ଼ା ପ୍ରସ୍ତୁତ କରିଛି ତାହା ଅବଗତ କରୁ। ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି ବିସ୍ଥାପିତଙ୍କ ଥଇଥାନ ଓ ସେମାନଙ୍କ ଉନ୍ନତି ପାଇଁ ନାଲ୍‌କୋର କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗତ ଜ୍ୟୋତି ପାଙ୍ଗି ଓ ସରପଞ୍ଚ ଭଗବାନ ଖରା, ଉପଜିଲାପାଳ ଲଳିତ ମୋହନ କଅଁର, ନାରାୟଣପାଟଣା ତହସିଲଦାର ରଞ୍ଜନ ମାନସେଠ, ବିଡିଓ କରୁଣାକର ପ୍ରଧାନ, ଅତିରିକ୍ତ ତହସିଲଦାର ମହାଦେବ ଭତ୍ରା ଉପସ୍ଥିତ ଥିଲେ। ନାଲ୍‌କୋ ଇଡି ରବି ଶଙ୍କର ଦାସ କହିଥିଲେ, ନାଲକୋ ସବୁବେଳେ ଲୋକଙ୍କ ବିକାଶ ସହ ରହିଛି ଓ ରହିବ। ଏଡିଏମ ପ୍ରଧାନ ଜନ ଶୁଣାଣିରେ ଲୋକଙ୍କଠାରୁ ଆସିଥିବା ପ୍ରସ୍ତାବ ଓ ମତାମତ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବେ ବୋଲି ଜଣାଇଥିଲେ। ଶୁଣାଣି ବେଳେ ଏସ୍‌ପି ମୁକେଶ କୁମାର ଭାମୋଙ୍କ ନିର୍ଦ୍ଦେଶ କ୍ରମେ ୩ ପ୍ଲାଟୁନ ପୋଲିସ ଫୋର୍ସ ଓ ୨ ପ୍ଲାଟୁନ ଏସ୍‌ଓଜି ଫୋର୍ସ ମୁତୟନ କରାଯାଇଥିଲା।



ପଟ୍ଟାଙ୍ଗି ମିନି ଷ୍ଟାଡ଼ିୟମରେ ଆୟୋଜିତ ଜନ ଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଜନତା।

# ଟ୍ୟାଙ୍କର ଓଲଟି ରାସ୍ତାରେ ବୋହିଲା ତେଲ

■ ଜୟପୁର-କୋରାପୁଟ ଘାଟି ରାଜପଥ ୯ ଘଣ୍ଟା ଅଚଳ

ଜୟପୁର,୧୭।୧୨(ଡି.ଏନ୍.ଏ./ନି.ପ୍ର.)

ଜୟପୁର-କୋରାପୁଟ ଘାଟି ୨୬ ନମ୍ବର ଜାତୀୟ ରାଜପଥରେ ମଙ୍ଗଳବାର ପୂର୍ବାହ୍ନ ୬ଟାରେ ଏକ ତେଲ ଟ୍ୟାଙ୍କର ଓଲଟି ପଡ଼ିଛି। ଫଳରେ ସେଥିରୁ ନିର୍ଗତ ପେଟ୍ରୋଲ ରାସ୍ତାକୁ ବହିବା ଯୋଗୁ ଅଗ୍ନିକାଣ୍ଡ ଆଶଙ୍କାରେ ସେହି ରୁଟ୍‌ରେ ଗାଡ଼ି ଚଳାଚଳ ବନ୍ଦ ହୋଇଛି। ପୂର୍ବାହ୍ନ ୬ଟାରୁ ଅପରାହ୍ନ ୨ଟା ଯାଏ ୯ ଘଣ୍ଟା ଅବରୋଧ ହୋଇଥିଲା। ଘଟଣାସ୍ଥଳରେ ଜୟପୁର ସଦରଥାନା ପୋଲିସ ପହଞ୍ଚି ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ କରିଛି। ଅଗ୍ନିଶମ ବାହିନୀ ପହଞ୍ଚିବା ପରେ ଦୁଇଟି କ୍ରେନ୍ ଦ୍ୱାରା ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କରକୁ ରାସ୍ତାରୁ ଅନ୍ୟତ୍ର ନିଆଯାଇଥିଲା। ବସ୍ ଓ ଅନ୍ୟ ଗାଡ଼ି ଚଳାଚଳ ହୋଇ ନ ପାରିବା ଯୋଗୁ ଜୟପୁର ଓ କୋରାପୁଟ ମହାବିଦ୍ୟାଳୟରେ ଚାଲିଥିବା ଇଣ୍ଟରନାଲ ପରୀକ୍ଷା ପାଇଁ ପହଞ୍ଚିବାରେ ଅସୁବିଧା ଭୋଗିଥିଲେ ଛାତ୍ରୀଛାତ୍ର। ସେହିପରି ଜୟପୁରରୁ ରୋଗୀ ନେଇ କୋରାପୁଟ ମେଡିକାଲ କଲେଜକୁ ଆମ୍ବୁଲାନ୍ସ ଯିବାରେ ମଧ ସମସ୍ୟା ହୋଇଥିଲା। ଲମତାପୁଟ ବ୍ଲକ ପେଟାଛକ ଦେଇ ୫୦ କିମି ବୁଲାଣିରେ କୋରାପୁଟ ମେଡିକାଲ ଯାଇଥିଲା ଆମ୍ବୁଲାନ୍ସ।



ଜୟପୁର-କୋରାପୁଟ ଜାତୀୟ ରାଜପଥର ଘାଟିରାସ୍ତାରେ ଯାନବାହାନ ଅଟକି ରହିଛି।

## ସଂସ୍କୃତି ସମ୍ବର୍ଦ୍ଧନା କର୍ମଶାଳା

ଜୟପୁର,୧୭।୧୨(ଡି.ଏନ୍.ଏ.):

ଜୟପୁର ଶାରଦାବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଙ୍ଗଳବାର ସଂସ୍କୃତି ସମ୍ବର୍ଦ୍ଧନା ଉତ୍ସବ ଏବଂ କର୍ମଶାଳା ଅନୁଷ୍ଠିତ ହୋଇଛି। ଶିଶୁଙ୍କ ଭିତରେ ବୈଜ୍ଞାନିକ ଦୃଷ୍ଟିକୋଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି କର୍ମଶାଳାରେ ସହରର ବିଭିନ୍ନ ବିଦ୍ୟାଳୟର ୩୭୦ ଜଣ ଛାତ୍ରୀଛାତ୍ର, ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କୁ ତିନୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇ ୪ଟି ବିଜ୍ଞାନଭିତ୍ତିକ କାଳାଂଶ ନିଆଯାଇଥିଲା। ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଓମ୍‌ପ୍ରକାଶ ମିଶ୍ର, ଘାସିରାମ ହୋତା, ଅକ୍ଷୟ ପାତ୍ର, ସୂର୍ଯ୍ୟମଣି ମାଝି, ଦେବେନ୍ଦ୍ର ପାଢ଼ୀ, ପ୍ରଦୀପ ମିଶ୍ର, ପ୍ରଶାନ୍ତ ଦାଶ, ପରିଚାଳନା କମିଟି ସଭାପତି ନରେଶନାଥ ନାୟକ, ପ୍ରଧାନଆଚାର୍ଯ୍ୟ ପ୍ରସନ୍ନ ବସ୍ତିଆ ଉପସ୍ଥିତ ଥିଲେ।

# ପଟ୍ଟା ଦେବାର ୨୨ ବର୍ଷ ପରେ ବି ଚିହ୍ନଟ ହୋଇନି ଜମି

■ ତହସିଲର ଦ୍ୱାରସ୍ଥ ହେଲେ ଶତାଧିକ ହିତାଧିକାରୀ

ବୋରିଗୁମ୍ମା,୧୭।୧୨(ଡି.ଏନ୍.ଏ.)

ମାସେ କି ବର୍ଷେ ନୁହେଁ, ଦୀର୍ଘ ୨୨ବର୍ଷର ସଂଘର୍ଷ ପରେ ମଧ ନିଜ ଜାଗା ଉପରେ ହକ୍ ନପାଇ ଅସନ୍ତୁଷ୍ଟ ବାସିନ୍ଦା ମେଳି ବାନ୍ଧି ପ୍ରଶାସନର ଦ୍ୱାରସ୍ଥ ହୋଇଛି। ୧୯୯୮ରେ କୋରାପୁଟ ଜିଲା ବୋରିଗୁମ୍ମାରେ ୨୦୦ରୁ ଅଧିକ ଗରିବ ପରିବାରକୁ ସରକାର ୪ସେଣ୍ଟ ଲେଖାଏଁ ଜାଗାର ପଟ୍ଟା ଦେଇଥିଲେ। ୨୨ ବର୍ଷ ବିତିଯାଇଥିଲେ ମଧ ପ୍ରଶାସନ ସେହି ଜାଗା ଚିହ୍ନଟ କରି ହିତାଧିକାରୀଙ୍କୁ ହସ୍ତାନ୍ତର କରିନାହିଁ। କେବଳ କାଗଜକଲମରେ ଜାଗା ପାଇଥିବା ଶତାଧିକ ହିତାଧିକାରୀ ମଙ୍ଗଳବାର ତହସିଲଦାରଙ୍କ କାର୍ଯ୍ୟାଳୟକୁ ଯାଇ ତୁରନ୍ତ ସେମାନଙ୍କ ଜାଗା ଚିହ୍ନଟ କରିବା ସହ ହସ୍ତାନ୍ତର କରିବା ପାଇଁ ଦାବି ଜଣାଇଛନ୍ତି। ପ୍ରଶାସନିକ ଧିମାଗତି ପାଇଁ ବର୍ତ୍ତମାନ ସେମାନଙ୍କ ଜାଗା ଉପରେ ଜମି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଏହି ସମସ୍ୟା ନେଇ ବୋରିଗୁମ୍ମାର ପୂର୍ବତନ ସରପଞ୍ଚ ବିବେକାନନ୍ଦ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ଏଲ୍. ନାରାୟଣ ରାଓ, ସାମାଜିକ କର୍ମୀ ଜି. ମୋହନ ଦୋରା, ବିଜୁ ସାହୁ, ଦାସରି ଗୁପ୍ତ ପ୍ରଶାସନକୁ ପୂର୍ବରୁ ବହୁଥର ଜଣାଇଛନ୍ତି। ଏନେଇ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ନରସିଂହ ଗାଦବା କହିଛନ୍ତି, ୧୯୯୮ର ସମସ୍ତ ପଟ୍ଟାଧାରୀଙ୍କ ଜାଗାକୁ ୧୫ଦିନ ମଧ୍ୟରେ ଚିହ୍ନଟ କରି ହସ୍ତାନ୍ତର କରାଯିବ। ମଙ୍ଗଳବାର ତାଙ୍କୁ ସାବିତ୍ରୀ ସାହୁ, ପି. ଲକ୍ଷ୍ମୀ ନାରାୟଣ, ଶ୍ରୀଧର ସାହୁ, ଲଚମନ ଗୌଡ଼, ରାଧା ଗୌଡ଼, ଚମ୍ପା ମୁଦୁଲିଙ୍କ ସମେତ ବହୁ ହିତାଧିକାରୀ ଭେଟି ଦାବି ଜଣାଇଥିଲେ।



ତହସିଲଦାରଙ୍କୁ ଦାବି ଜଣାଇବାକୁ ଆସିଥିବା ହିତାଧିକାରୀ।

# ପ୍ରକଳ୍ପ ଅଞ୍ଚଳରେ ଅପହଞ୍ଚ ସ୍ୱାସ୍ଥ୍ୟସେବା

କୋଲାବନଗର,୧୭।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା କୋଲାବନଗରରେ ମୌଳିକ ସ୍ୱାସ୍ଥ୍ୟସେବା ଅପହଞ୍ଚ ହୋଇ ରହିଛି। ଏହା ଏକ ଯୋଜନା ଅଞ୍ଚଳ ଓ ଏଠାରେ ଅପରକୋଲାବ ନଦୀବନ୍ଧ ରହିଛି। ଏହି ବନ୍ଧ ପାଇଁ କୋରାପୁଟ ଜିଲା ଶସ୍ୟଶ୍ୟାମଳା ହୋଇପାରୁଛି। ଏହି ପ୍ରକଳ୍ପର ଚତୁଃପାର୍ଶ୍ୱରେ ୪ଟି ପଞ୍ଚାୟତ ରହିଛି। ଏଠାରେ ଲୋକସଂଖ୍ୟା ୨୦ହଜାରରୁ ଅଧିକ। ୨୦୧୦ ପର୍ଯ୍ୟନ୍ତ ଭାରତୀୟ ରିଜର୍ଭ ବାଟାଲିୟନ ଏଠାକାର ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିଲା। କିନ୍ତୁ ତାହା ପରଠାରୁ ବାଟାଲିୟନ କୋରାପୁଟକୁ ସ୍ଥାନାନ୍ତର ହୋଇଥିଲା। ବାଟାଲିୟନର ଡାକ୍ତରଙ୍କ ସେଠାରେ ଘର ନ ଥିବା ଯୋଗୁ ସେ ଏଠାରୁ ସବୁଦିନେ ଯିବାଆସିବା କରୁଥିଲେ ଏବଂ ସନ୍ଧ୍ୟା ସକାଳେ ଏଠିକାର ସ୍ଥାନୀୟ ରୋଗୀଙ୍କୁ ଦେଖୁଥିଲେ। ତେବେ ୨ମାସ ତଳେ ବାଟାଲିୟନ ତାଙ୍କୁ ଘର ଯୋଗାଇଦେବା ପରେ ସେ ଏଠାରୁ ଚାଲିଯାଇଛନ୍ତି। ତାଙ୍କ ଘରେ ଏବେ ତାଲା ଝୁଲୁଥିବା ଦେଖି ଆଦିବାସୀମାନେ ନିରାଶ ହୋଇଛନ୍ତି। ମ୍ୟାଲେରିଆ, ଡାଇରିଆ ଭଳି ରୋଗ ଏଠିକାର ବାସିନ୍ଦାଙ୍କ ଚିର ସହଚର। ଏବେ ଶୀତଦିନ ହେତୁ ପ୍ରାୟ ଥଣ୍ଡା ଜ୍ୱରରେ ପଡୁଛନ୍ତି। କିନ୍ତୁ ଚିକିତ୍ସା ସେବା ସେମାନଙ୍କୁ ଉପଲବ୍ଧ ହୋଇପାରୁ ନାହିଁ। ତେଣୁ ପ୍ରଶାସନ ତୁରନ୍ତ ସେମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା କରିବାକୁ ଦାବି ହୋଇଛି।

# ନିଯୁକ୍ତିଭିତ୍ତିକ ତାଲିମ, ପରାମର୍ଶ ଶିବିର

ଦଶମନ୍ତପୁର,୧୭।୧୨(ଡି.ଏନ୍.ଏ.)

ଦଶମନ୍ତପୁର ସରକାରୀ ଉଚ୍ଚବିଦ୍ୟାଳୟ ପଡ଼ିଆରେ ଓର୍‌ମାସ ଦ୍ୱାରା ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଅନ୍ତର୍ଗତ ଏକ ବ୍ଲକସ୍ତରୀୟ କର୍ମନିଯୁକ୍ତିଭିତ୍ତିକ ତାଲିମ ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଛି। ଓଏଲ୍‌ଏମ୍ ବ୍ଲକ ସଂଯୋଜକ ବଟକୃଷ୍ଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରକୁ ବିଡିଓ ଉମ୍ବରୁଧର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଫିତା କାଟି ଶୁଭାରମ୍ଭ କରିଥିଲେ। ଏଥିରେ ୮ଟି କମ୍ପାନୀ ଯୋଗଦେଇ ସିଲେଇ ମେଶିନ ପ୍ରଶିକ୍ଷଣ, ସାମ୍ପଲ ଟେଲର, ହୋଟେଲ ବୟ, ରୁମ୍ ଆଟେଣ୍ଡାଣ୍ଟ, ପ୍ଲମ୍ବର ଆସିଷ୍ଟାଣ୍ଟ ନିଯୁକ୍ତି ସମ୍ପର୍କିତ ତାଲିମ ଓ ପରାମର୍ଶ ଦେଇଥିଲେ। ଶିବିରରେ ୩୧୯ ଜଣ ଯୁବତୀ ଯୁବକ ତାଲିମ ନେବା ପାଇଁ ନାମ ପଞ୍ଜିକରଣ କରିଥିଲେ। ନୋଡାଲ ଅଫିସର ଭାବେ ରୋଶନ କାର୍ତ୍ତିକ କାର୍ଯ୍ୟକ୍ରମ ପରିଚାଳନା ଓ ପ୍ରକାଶ ଚନ୍ଦ୍ର ସେଠୀ ସହଯୋଗ କରିଥିଲେ।



ଶିବିରରେ ଉପସ୍ଥିତ ଯୁବତୀ ଯୁବକ।

# ରାଜ୍ୟସ୍ତରୀୟ ଟେବୁଲଟେନିସ୍‌ରେ ଭାଗନେଲେ କୋରାପୁଟର ୧୮ ଛାତ୍ରୀଛାତ୍ର




ରାଜ୍ୟସ୍ତରୀୟ ଟେବୁଲଟେନିସ୍‌ରେ ଭାଗ ନେଇଥିବା ଖେଳାଳି।

ଦାମନଯୋଡ଼ି,୧୭।୧୨(ଡି.ଏନ୍.ଏ.)

କଟକର ବାରବାଟୀ ଷ୍ଟାଡ଼ିୟମସ୍ଥିତ ସଚିନ ତେନ୍ଦୁଲକର ଇନଡୋର୍‌ରେ ୬୫ତମ ରାଜ୍ୟ ସ୍କୁଲ ଟେବୁଲଟେନିସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। କଟକ ଜିଲା ସ୍କୁଲ ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ୧୫ ଓ ୧୬ ତାରିଖ ଏହି ପ୍ରତିଯୋଗିତା ହୋଇଥିଲା। ଏଥିରେ କୋରାପୁଟ ଜିଲା ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀ ଡ. ପ୍ରମୋଦ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଟିମ୍ ମ୍ୟାନେଜର ରୂପେ ଦାମନଯୋଡ଼ି ଦିଲ୍ଲୀ ପବ୍ଲିକ ସ୍କୁଲର ଶାରୀରିକ ଶିକ୍ଷା ପ୍ରଶିକ୍ଷକ ନବକିଶୋର ପଣ୍ଡା ଯୋଗ ଦେଇଥିଲେ। ସେହିପରି ଡିପିଏସ୍ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବେହେରା ବାଳିକା ଟିମ୍ ମ୍ୟାନେଜର ରୂପେ ଯୋଗ ଦେଇଥିଲେ। ପୂର୍ବରୁ ବ୍ଲକ ଓ ଜିଲାସ୍ତରରୁ ଯୋଗ୍ୟତା ଅର୍ଜନ କରିଥିବା ୧୮ ଜଣ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ଏଥିରେ ସୁନାବେଡ଼ା ଭିଏସ୍ ବିଦ୍ୟାଳୟରୁ ୨ ଜଣ ଓ ଦାମନଯୋଡ଼ି ଡିପିଏସ୍‌ରୁ ୧୬ ଜଣ ପ୍ରତିଯୋଗୀ ସାମିଲ ଥିଲେ। ସେମାନଙ୍କ ମଧ୍ୟରୁ ଡିପିଏସ୍‌ର ନବମ ଶ୍ରେଣୀ ଛାତ୍ରୀ ସାନା ଫରିଦ ଜାତୀୟସ୍ତରୀୟ ପ୍ରତିଯୋଗିତା ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଜାତୀୟସ୍ତର ପ୍ରତିଯୋଗିତା ଗୁଜୁରାଟର ଭଦୋଦରାଠାରେ ଜାନୁୟାରୀ ୩ରୁ ୭ ଯାଏ ଖେଳାଯିବ। ସମସ୍ତ ପ୍ରତିଯୋଗୀ ଓ ଟିମ୍ ମ୍ୟାନେଜରଙ୍କ ସହ କୃତୀ ଛାତ୍ରୀ ସାନାଙ୍କୁ ଡିପିଏସ୍ ଅଧ୍ୟକ୍ଷା ଦୀପାନ୍ୱିତା ଦାସ ଶୁଭେଚ୍ଛା ଜଣାଇଛନ୍ତି।

# ଖ୍ରୀଷ୍ଟମାସ ପାଇଁ ଶୋଭାଯାତ୍ରା

ସୁନାବେଡ଼ା,୧୭।୧୨(ଡି.ଏନ୍.ଏ.)

ସେମିଳିଗୁଡ଼ା ଓ ସୁନାବେଡ଼ା ଚର୍ଚ୍ଚ କାଉନସିଲ ଆନୁକୂଲ୍ୟରେ ମଙ୍ଗଳବାର ଖ୍ରୀଷ୍ଟମାସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। କାଉନସିଲ୍‌ର ପାଳକ ଦାନିଏଲ ଖରା ଓ ସମ୍ପାଦକ ସୁନୀଲ କ୍ଷତ୍ରୀୟଙ୍କ ନେତୃତ୍ୱରେ ଖ୍ରୀଷ୍ଟମାସ ଉପଲକ୍ଷେ ଏହି ଶୋଭାଯାତ୍ରା ବାହାରିଥିଲା। ଏଥିରେ ସୁନାବେଡ଼ ଓ ସେମିଳିଗୁଡ଼ା ଅଞ୍ଚଳର ଖ୍ରୀଷ୍ଟ ଧର୍ମାବଲମ୍ବୀ ସାମିଲ ହୋଇଥିଲେ। ଶୋଭାଯାତ୍ରା ସୁନାବେଡ଼ା ଚର୍ଚ୍ଚରୁ ଆରମ୍ଭ ହୋଇ ସେମିଳିଗୁଡ଼ା ଲାଇଟ୍ ହାଉସ ଚର୍ଚ୍ଚ ପର୍ଯ୍ୟନ୍ତ ଯାଇଥିଲା।



ଖ୍ରୀଷ୍ଟମାସ ଶୋଭାଯାତ୍ରା ସହର ପରିକ୍ରମା କରୁଛି।

# ବିଭିନ୍ନ ଦାବି ନେଇ ଧାରଣାରେ ଛାତ୍ର

■ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି
■ କ୍ୟାଣ୍ଟିନ, ଫ୍ଲାଇଓଭର ବ୍ୟବସ୍ଥା କରାଯାଉ

ଜୟପୁର,୧୭।୧୨(ଡି.ଏନ୍.ଏ./ନି.ପ୍ର.)

କୋରାପୁଟ ଜିଲା ଯୁବ ଛାତ୍ର କ୍ରାନ୍ତି ସଂଗଠନ ନେତୃତ୍ୱରେ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଭିନ୍ନ ଦାବି ନେଇ ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତୀକ ଧାରଣା ଦିଆଯାଇଛି। ଭିଡି କଲେଜକୁ ବିଶ୍ୱବିଦ୍ୟାଳୟ ଘୋଷଣା, କ୍ୟାଣ୍ଟିନ ବ୍ୟବସ୍ଥା, ବିଜ୍ଞାନ ଓ କଳାକୁ ବାଣିଜ୍ୟ ବିଭାଗ ସହ ସଂଯୋଗ କରାଯାଇ ୨୬ ନମ୍ବର ଜାତୀୟ ରାଜପଥ ଉପରେ ଫ୍ଲାଇଓଭର ନିର୍ମାଣ, କଲେଜ ଭବନର ମରାମତି, ଲାଇବ୍ରେରୀ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଦାବିରେ ପୂର୍ବାହ୍ନରେ ଏହି ଧାରଣା ବସିଥିଲା। ଅପରାହ୍ନରେ ଅଧକ୍ଷା ଡ. ରଚନା ଆଚାର୍ଯ୍ୟ, ରାସ୍ତା ଓ ଗୃହ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ଭାସ୍କର ଚନ୍ଦ୍ର ସାମନ୍ତରାୟ ଧାରଣାସ୍ଥଳରେ ପହଞ୍ଚିଥିଲେ। କ୍ୟାଣ୍ଟିନ ପାଇଁ ବୁଧବାର ଟେଣ୍ଡର ଆହ୍ୱାନ କରାଯିବ। ଫ୍ଲାଇଓଭର ପାଇଁ ଟେଣ୍ଡର ସରିଛି। ଏନ୍‌ଏଚ୍‌ଏଆଇର ଅନୁମତି ପରେ ଏହି କାର୍ଯ୍ୟ ଆରମ୍ଭ ହେବ। ଲାଇବ୍ରେରୀ ପାଇଁ କର୍ମଚାରୀ ନିଯୁକ୍ତି ସହ ଆବଶ୍ୟକ ପୁସ୍ତକ କିଣାଯିବ । ବିଶ୍ୱବିଦ୍ୟାଳୟ ଘୋଷଣା ନିଷ୍ପତ୍ତି ସରକାର ନେବେ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଧାରଣା ସ୍ଥଗିତ ରଖାଯାଇଥିଲା। ମାସକ ମଧ୍ୟରେ ଉନ୍ନୟନ କାର୍ଯ୍ୟ ନ ହେଲେ ଆମରଣ ଅନଶନ କରାଯିବ ବୋଲି ସଂଗଠନ ଆବାହକ ଶିଶିର ମାଦଳା ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନିର୍ଭୀକ ସାମନ୍ତରାୟ, ଆଶୁତୋଷ ମିଶ୍ର, ଆର୍. କିରଣ, ଦିପୁନ ଜେନା, ରାହୁଲ ବେହେରା, ଶଙ୍କର ବାଗ, ମହମ୍ମଦ ହାସନ, ଶିବ ଦତ୍ତଙ୍କ ସମେତ ଶତାଧିକ ଛାତ୍ର ଯୋଗ ଦେଇଥିଲେ।




ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ଯୁବଛାତ୍ର କ୍ରାନ୍ତି ସଙ୍ଗଠନ।

